# ପର୍ଯ୍ୟବେକ୍ଷକ 25

ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.274 Bhubaneswar Friday December 15 2023 | ୨୬ତମ ବର୍ଷ ସଂଖ୍ୟା-୨୭୪ ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


## ନବୀନ ଖେଳିଲେ ହିନ୍ଦୁ କାର୍ଡ : ୨୬ବର୍ଷ ପରେ ବିଜେଡିର ମନେପଡିଲା 'ଶ୍ରୀଜଗନ୍ନାଥ ଚେତନା' କଥା

ଭୁବନେଶ୍ୱର,୧୪।୧୨(ପି.ଏନ): ଆସନ୍ତା ୨୬ତାରିଖରେ ବିଜେଡି ନିଜର ୨୭ତମ ପ୍ରତିଷ୍ଠା ଦିବସ ପାଳନ କରିବ। ସାଧାରଣ ନିର୍ବାଚନକୁ ଆଉ ମାତ୍ର ୩ମାସ ବାକି ଥିବାବେଳେ ଦଳ ନିଜର ପ୍ରତିଷ୍ଠା ଦିବସରେ କଟ୍ଟର ହିନ୍ଦୁବାଦୀ କାର୍ଡ ଖେଳିଛି । ଶ୍ରୀଜଗନ୍ନାଥ ଚେତନା ମୂଳଧାରରେ ସଫଳ ବିକାଶ ଯାତ୍ରାକୁ ପୂର୍ଣ୍ଣ ବିକଶିତ ଓଡିଶା ଗଠନ ପାଇଁ ପୁନଃ ଅଙ୍ଗୀକାରବଦ୍ଧ ହେବାକୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଦଳୀୟବିଧାୟକ,ସାଂସଦ ଓ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରଥମଥର ପାଇଁ ଦଳ ଖୋଲାଖୋଲି ଭାବେ ନିଜର କଟ୍ଟର ହିନ୍ଦୁ ମାନସିକତାକୁ ପଦାକୁ ଆଣିଛି । ତେବେ ଅଚାନକ ଦଳ କାହିଁକି ନିଜର ଧର୍ମନିରପେକ୍ଷ ଆଭିମୁଖ୍ୟ ପରିବର୍ତ୍ତ? କେବଳ 'ହିନ୍ଦୁ' କାର୍ଡ ଖେଳିଲା ତାକୁ ନେଇ ନାନାଦି ଚର୍ଚ୍ଚା ଆରମ୍ଭ ହୋଇଛି । ଶ୍ରୀ ପଟ୍ଟନାୟକ ଆଜି ଦଳର ସମସ୍ତ ବିଧାୟକ,ସାଂସଦ, ଜିଲ୍ଲା ସଭାପତି, ପର୍ଯ୍ୟବେକ୍ଷକ, ଜିଲ୍ଲା,ବ୍ଲକ ଓ ନଗର ସଭାପତିଙ୍କ ସମେତ ବିଭିନ୍ନ ଛାମୁଆ ସଂଗଠନର କର୍ମକର୍ତ୍ତା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କୁ ଚିଠି ଲେଖି ଆସନ୍ତା ୨୭ତମ ପ୍ରତିଷ୍ଠା ଦିବସ ସମାରୋହକୁ ସଫଳ ଭାବେ ପାଳନ



କରିବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ, ସବୁ ନିର୍ବାଚନମଣ୍ଡଳୀର ବ୍ଲକ ଓ ପୌରାଂଚଳସ୍ତରରେ ପ୍ରତିଷ୍ଠା ଦିବସ ସମାରୋହ ପାଳନ କରାଯିବ। ଏହି ଅବସରରେ ଗଣଭୋଜି, ସାଧାରଣ ସଭା, ରକ୍ତଦାନ ଶିବିର ଓ ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ ଆୟୋଜନ ହେବ । ଏହି ପ୍ରତିଷ୍ଠା ଦିବସରେ ଶ୍ରୀଜଗନ୍ନାଥ ଚେତନା ମୂଳାଧାରରେ ସଫଳ ବିକାଶ ଯାତ୍ରାକୁ ପୂର୍ଣ୍ଣ ବିକଶିତ ଓଡିଶା ଗଠନ ପାଇଁ ପୁନଃ ଅଙ୍ଗୀକାର ହେବାକୁ ଆହ୍ୱାନ ଦେଇଛନ୍ତି ।୨୬ବର୍ଷ ଧରି ଉର୍ଦ୍ଧ୍ୱଗାମୀକୃତ ମନୋଭାବ ନେଇ ଦଳ ନିଷ୍ଠାପର ଭାବେ ଲୋକଙ୍କ ପାଇଁ ନିରବଚ୍ଛିନ୍ନ କାର୍ଯ୍ୟ କରି ଆସୁଛି । ଓଡିଶାର ବିକାଶ କରି ଆସୁଥିବା ବିଜୁ ଜନତା ଦଳ ନିଜର ରାଜନୀତିକ କାର୍ଯ୍ୟକ୍ରମ ସହିତ ତା'ର ସାମାଜିକ ଅଙ୍ଗୀକାରବଦ୍ଧତା ପାଇଁ ଅନ୍ୟ ସର୍ବଭାରତୀୟ ଦଳ ଓ ଆଂଚଳିକ ଦଳ ଭିତରେ ଅଧିକ ପ୍ରଶଂସନୀୟ ପରିଚିତ ହୋଇପାରିଛି । ଏହା ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି ।ସମସ୍ତଙ୍କ ନିଷ୍ଠା, କଠିନ ପରିଶ୍ରମ ଓ ମନୋଭାବ ଯୋଗୁ ବିଜୁ ଜନତା ଦଳ ଏବେ ଲୋକଙ୍କ ନିକଟତର ହୋଇପାରିଛି । ବିଭିନ୍ନ ସାଧାରଣ ନିର୍ବାଚନ ଓ ଉପନିର୍ବାଚନ, ସମବାୟ ନିର୍ବାଚନ ସମେତ ବିଗତ ପଂଚାୟତ ଓ ପୌର ନିର୍ବାଚନରେ ଓଡିଶାର ୩୦ଟି ଜିଲ୍ଲାରେ ଶତପ୍ରତିଶତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀ, ୮୦ ପ୍ରତିଶତ ପୌରାଂଚଳ ଆସନ ପାଇବା ହିଁ ସାଧାରଣ ଲୋକଙ୍କ ବିଜୁ ଜନତା ଦଳ ପ୍ରତି ଥିବା ଆସ୍ଥାକୁ ପ୍ରମାଣିତ କରୁଛି । ଲୋକଙ୍କ ଲଗାତାର ଆଶୀଷ,ସମର୍ଥନ ଓ ଶୁଭେଚ୍ଛା ହିଁ ବିକାଶ ଆଭିମୁଖ୍ୟକୁ ଆଗେଇ ନେବାରେ ପ୍ରେରଣା ଦେଇଛି । ଓଡିଶାବାସୀଙ୍କ ସେବାରେ ନିୟୋଜିତ ହୋଇ ବିକାଶର ଧାରାକୁ ବଜାୟ ରଖିବା ପାଇଁ ଶକ୍ତି ଦେଇଛି । ୨୬ବର୍ଷର ସଫଳ ଯାତ୍ରା ଓଡିଶାବାସୀଙ୍କ ଭଲପାଇବା ଆମକୁ ବିକାଶର ସଫଳତାକୁ ଶୀର୍ଷସ୍ତରକୁ ନେବା ପାଇଁ ପ୍ରେରିତ କରିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

## ସଂସଦର ପୂର୍ବ ଅଧିବେଶନରେ ବି ଅନୁପ୍ରବେଶ ପାଇଁ ଚେଷ୍ଟା କରିଥିଲେ ଅଭିଯୁକ୍ତ !



ଭୁବନେଶ୍ୱର,୧୪।୧୨(ପି.ଏନ): ସଂସଦରେ ବଡଧରଣର ସୁରକ୍ଷା ତ୍ରୁଟିକୁ ନେଇ ବଡ ତଥ୍ୟ ସାମ୍ନାକୁ ଆସିଛି। ବୁଧବାର ଦୁଇ ଜଣ ଯୁବକ ଲୋକସଭା କାର୍ଯ୍ୟ ଚାଲିଥିବା ବେଳେ ଚ୍ୟାମ୍ବର ମଧ୍ୟକୁ ଡେଇଁ ହଙ୍ଗାମା କରିଥିଲେ । ସାଗର ଶର୍ମା ଓ ମନୋରଞ୍ଜନ ଡି ଲୋକସଭା ଭିତରେ ନିଜର ଦାବି ଜଣାଇବା ସହ ଧୂଆଁ ମାଡ କରିଥିଲେ ।ଏମାନଙ୍କର ଦୁଇ ସହଯୋଗୀ ନୀଲମ ଓ ଅମୋଲ ସଂସଦ ବାହାରେ ଧୂଆଁ ମାଡ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ୪ ଜଣଙ୍କ ସମେତ ମୋଟ ୫ ଜଣଙ୍କୁ ପୁଲିସ୍ ଗିରଫ କରିଛି । ସେହିପରି ୬ଷ୍ଠ ଅଭିଯୁକ୍ତ ଫେରାର ରହିଛି ।

## ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଦାମୋଦର ରାଉତ ମେଡିକାଲରେ ଭର୍ତ୍ତି

ଭୁବନେଶ୍ୱର,୧୪।୧୨(ପି.ଏନ): ରାଜନୈତିକ କ୍ଷେତ୍ରରୁ ଆସିଛି ଏକ ବଡ ଖବର । ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଦାମୋଦର ରାଉତ ଅସୁସ୍ଥ ହୋଇପଡିଛନ୍ତି । ତେଣୁ ତାଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲରେ ଭର୍ତ୍ତି କରାଯାଇଛି । ଏକଦା ରାଜ୍ୟ ରାଜନୀତିରେ ସର୍ବଦା ସକ୍ରିୟ ରହୁଥିବା ଶ୍ରୀ ରାଉତ ଗତ କିଛିବର୍ଷ ଧରି ସକ୍ରିୟ ରାଜନୀତିଠାରୁ ଏକପ୍ରକାର ଦୂରେଇ ରହିଛନ୍ତି । ଶ୍ରୀ ରାଉତଙ୍କ ଅସୁସ୍ଥ ଖବର ତାଙ୍କର ପ୍ରଶଂସକଙ୍କ ମଧ୍ୟରେ ନିରାଶା ଭରିଦେଇଛି । ସୂଚନା ମୁତାବକ, ବରିଷ୍ଠ ନେତା ଶ୍ରୀ ରାଉତ ଅସୁସ୍ଥ ଅଛନ୍ତି । ତେଣୁ ସେ ରାଜଧାନୀ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ରହି ଚିକିତ୍ସିତ ହେଉଛନ୍ତି । ଡାକ୍ତରମାନେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି । ତେବେ ଆଜି ଶ୍ରୀ ରାଉତଙ୍କର



ଜନ୍ମଦିନ ହୋଇଥିବାରୁ ଏହି ଅବସରରେ କିଛି ଶୁଭେଚ୍ଛୁ ତାଙ୍କୁ ମେଡିକାଲରେ ଭେଟି ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ ଆରୋଗ୍ୟ କାମନା କରିଛନ୍ତି ।ଶ୍ରୀ ରାଉତ ରାଜ୍ୟ ରାଜନୀତିର ଜଣେ ଆଗଧାଡିର ଟାଣୁଆ ନେତା । ସେ ବିଜେଡିରେ ଥିବା ସମୟରେ ନବୀନ ପଟ୍ଟନାୟକଙ୍କ କ୍ୟାବିନେଟରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ସେ ବିଜେଡିର ପ୍ରତିଷ୍ଠାତା ସଦସ୍ୟଙ୍କ ମଧ୍ୟରୁ ଜଣେ ଥିଲେ । ୨୦୧୯ ବିଧାନସଭା ନିର୍ବାଚନ ପୂର୍ବରୁ ସେ ବିଜେପିରେ ଯୋଗ ଦେଇଥିଲେ । ବିଜେପିରେ ସାମିଲ ହେବା ପରଠାରୁ ସେ ସକ୍ରିୟ ରାଜନୀତି ଠାରୁ ଦୂରେଇ ରହିଥିଲେ । ଏକଦା ତାଙ୍କୁ ବିଜେଡିର ତୁଣ୍ଡ ବୋଲି କୁହାଯାଉଥିଲା । ସେ ବିଜେଡି ଟିକେଟରେ ୭ ଥର ନିର୍ବାଚନ ଜିତି ବିଧାୟକ ହୋଇଥିଲେ । ନିଜର ରୋକଠୋକ୍ ବୟାନକୁ ନେଇ ଶ୍ରୀ ରାଉତ ସର୍ବଦା ଚର୍ଚ୍ଚାରେ ରହିଥିଲେ ।

## ଆସନ୍ତା ଲୋକସଭା ନିର୍ବାଚନରେ ଓଡିଶାରେ ବିଜେପି ଅତିକମ୍‌ରେ ୧୫ଟି ଆସନ ଜିତିବ: ଧର୍ମେନ୍ଦ୍ର



ଭୁବନେଶ୍ୱର,୧୪।୧୨(ପି.ଏନ): ଆସନ୍ତା ଲୋକସଭା ନିର୍ବାଚନରେ ଓଡିଶାରେ ବିଜେପି ଅତିକମରେ ୧୫ଟି ଆସନ ଜିତିବ। ଏହି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନୂଆଦିଲ୍ଲୀରେ ଏକ ଜାତୀୟ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହା କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ୨୦୨୪ ସାଧାରଣ ନିର୍ବାଚନରେ ଓଡିଶାରେ ବିଜେପି ୪୫ ପ୍ରତିଶତ ଭୋଟ୍ ପାଇବ। ଓଡିଶାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆପ୍ରୁଭାଲ୍ ରେଟିଂ ୮୦ ପ୍ରତିଶତରୁ ଅଧିକ ରହିଛି। ୨୦୧୪ ଲୋକସଭା ନିର୍ବାଚନରେ ବିଜେପି ଓଡିଶାରେ ୨୨ ପ୍ରତିଶତ ଭୋଟ୍ ପାଇବା ସହ ଗୋଟିଏ ଲୋକସଭା ଆସନ ପାଇଥିଲା। ତେବେ ୧୯ ଲୋକସଭା ନିର୍ବାଚନରେ ଦଳର ଭୋଟ୍ ୩୮ ପ୍ରତିଶତକୁ ବୃଦ୍ଧି ପାଇବା ସହ ଆସନ ସଂଖ୍ୟା ୮ରେ ପହଞ୍ଚିଥିଲା। ବିଧାନସଭା ନିର୍ବାଚନରେ ମଧ୍ୟ ବିଜେପିର ଭୋଟ୍ ପ୍ରତିଶତ ବୃଦ୍ଧି ପାଉଥିବା ଧର୍ମେନ୍ଦ୍ର କହିଛନ୍ତି।

## କାହିଁକି ସଂସଦରେ ଗ୍ୟାସ୍ ସ୍ପ୍ରେରେ କରିଥିଲେ ଅଭିଯୁକ୍ତ ? ଜେରା ବେଳେ କହିଲେ କାରଣ



ଭୁବନେଶ୍ୱର,୧୪।୧୨(ପି.ଏନ): ଗଣତନ୍ତ୍ରର ମନ୍ଦିର ସଂସଦ ଭବନରେ ସୁରକ୍ଷା ତ୍ରୁଟିକୁ ନେଇ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଇ ଜଣ ଯୁବକ ଗୃହକୁ ପ୍ରବେଶ କରି ହଙ୍ଗାମା କରିବା ସହ ଆତଙ୍କ ଖେଳାଇବାକୁ ନେଇ ଶାସକକୁ ଘେରିଛନ୍ତି ବିରୋଧୀ। ଦିଲ୍ଲୀ ପୁଲିସର ସ୍ପ?ଶାଲ୍ ସେଲ୍ ଘଟଣାର ଖୋଳତାଡ କରୁଛି। ମାମଲାରେ ଛଅ ଜଣ ସମ୍ପୃକ୍ତ ଥିବାବେଳେ ପାଞ୍ଚ ଜଣ ଗିରଫ ହୋଇଛନ୍ତି। ଅନ୍ୟ ଜଣଙ୍କୁ ଖୋଜାଖୋଜି କରୁଛି ପୁଲିସ। ଏହାରି ମଧ୍ୟରେ ଗିରଫ ଅଭିଯୁକ୍ତମାନେ କାହିଁକି ସଂସଦ ଭବନକୁ ଅନୁପ୍ରବେଶ କରିଥିଲେ ତା'ର କାରଣ କହିଛନ୍ତି। ପୁଲିସ କହିଛି ଯେ, ଏହି ୬ ଜଣ ଅଭିଯୁକ୍ତ ଚାରି ବର୍ଷ ଧରି ଯୋଗାଯୋଗରେ ଥିଲେ ଏବଂ ଘଟଣାର କିଛି ଦିନ ପୂର୍ବରୁ ଅତି ଯତ୍ନର ସହ ଯୋଜନା କରିଥିଲେ। ଜେରା ସମୟରେ ସେମାନେ ଏନେଇ ସ୍ୱୀକାର କରିଛନ୍ତି। ଅଭିଯୁକ୍ତମାନେ କହିଛନ୍ତି ଯେ, ସେମାନେ ସୋଶାଲ ମିଡିଆ ମାଧ୍ୟମରେ ନିଜ ନିଜ ମଧ୍ୟରେ ସମନ୍ୱୟ ରଖିଥିଲେ ଏବଂ ଆକ୍ରମଣର ପୂର୍ବ ଦିନ ପୁଙ୍ଖାନୁପୁଙ୍ଖ ତର୍ଜମା କରିଥିଲେ।

## ବନ୍ଧା ହେଲେ ନୟାଗଡ ସବ୍‌ରେଜିଷ୍ଟ୍ରାର

ଭୁବନେଶ୍ୱର,୧୪।୧୨): ନୟାଗଡ ଜିଲ୍ଲା ସବ୍‌ରେଜିଷ୍ଟ୍ରାର ଶାଶ୍ୱତ ପଟ୍ଟନାୟକଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ସେ ତାଙ୍କ ଆୟ ତୁଳନାରେ ୭୯% ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ।ଗତକାଲି ଭିଜିଲାନ୍ସ ପକ୍ଷରୁ ଶାଶ୍ୱତ ପଟ୍ଟନାୟକଙ୍କ ୬ଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିବା ବେଳେ ଅନେକ ସମ୍ପତ୍ତି ଠାବ କରାଯାଇଛି।

## ସଂସଦରେ ସ୍ମୋକ ଆଟାକ: ୭ ଦିନିଆ ରିମାଣ୍ଡରେ ୪ ଅଭିଯୁକ୍ତ

ଭୁବନେଶ୍ୱର,୧୪।୧୨(ପି.ଏନ): ସଂସଦର ସୁରକ୍ଷା ବଳୟକୁ ଭେଦ କରି ହଙ୍ଗାମା କରିଥିବା ୪ ଅଭିଯୁକ୍ତଙ୍କୁ ଆଜି ଦିଲ୍ଲୀ ପୁଲିସ୍ ? ୭ ଦିନିଆ ରିମାଣ୍ଡରେ ନେଇଛି। ସେମାନଙ୍କୁ ଆଜି ଦିଲ୍ଲୀର ଗୋଟିଏ କୋର୍ଟରେ ହାଜର କାରାଯାଇଥିଲା। ପୁଲିସ୍ ୧୫ ଦିନିଆ ରିମାଣ୍ଡ ଆବେଦନ କରିଥିଲେ ହେଁ କୋର୍ଟ ଜେରା ପାଇଁ ୭ ଦିନର ସମୟ ଦେଇଛନ୍ତି ।ସାଗର ଶର୍ମା ଓ ମନୋରଞ୍ଜନ ସଂସଦ ଭିତରେ ପ୍ରବେଶ



କରିଥିବା ବେଳେ ନୀଲମ ଦେବୀ ଓ ଅମୋଲ ସିନ୍ଦେ ସଂସଦ ବାହାରେ ରହି ବିକ୍ଷୋଭ କରିଥିଲେ। ସେମାନେ ହଳଦିଆ ଧୂଆଁ ମଧ୍ୟ ମାଡ କରିଥିଲେ। ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବା ପାଇଁ ପୁଲିସ୍ ସମସ୍ତଙ୍କୁ ରିମାଣ୍ଡରେ ନେଇଛି।

## ଭାରତ ଦୁନିଆ ପାଇଁ ସ୍ୱଚ୍ଛ ଉର୍ଜାର ନୂଆ ମଡେଲ୍ ତିଆରି କରୁଛି : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪।୧୨(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆଜି ଦୁନିଆର ପ୍ରଗତିଶୀଳ ରାଷ୍ଟ୍ର ଏବଂ ଗ୍ଲୋବାଲ ସାଉଥ୍ ପାଇଁ ଏକ ଉଦାହରଣ ଭାବରେ ଆଗକୁ ଆସିଛି । ମୋଦିଙ୍କ ନେତୃତ୍ୱରେ ଭାରତ ଦୁନିଆ ପାଇଁ ଇଣ୍ଟରନ୍ୟାସନାଲ ସୋଲାର ଆଲିଆନ୍ସ, ଜୈବଇନ୍ଧନ ଓ ହାଇଡ୍ରୋଜେନ ଇନ୍ଧନ ଭଳି ଉର୍ଜା ରୂପାନ୍ତରଣର ନୂଆ ମଡେଲ୍ ତିଆରି କରୁଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଆଜି ନୂଆଦିଲ୍ଲୀ ଠାରେ ଆଇଆଇଟି କାନପୁର ଏବଂ କୋଟକ୍ ବ୍ୟାଙ୍କ୍ ଦ୍ୱାରା ସ୍ଥାପିତ ହୋଇଥିବା 'କୋଟକ୍ ସ୍କୁଲ୍ ଅଫ୍ ସଷ୍ଟେନବିଲିଟି'ର ଶୁଭାରମ୍ଭ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଆଜି ଦୁନିଆ ଯେଉଁଭଳି ଭାବରେ ଆହ୍ୱାନ ଦେଇ ଗତି କରୁଛି, ତାହାର ସମାଧାନ




ପାଇଁ ସଷ୍ଟେନବିଲିଟି ଉପରେ ଅନୁସନ୍ଧାନ ଏବଂ ବିକାଶ କରିବା ଜରୁରି ଅଟେ ଏବଂ ଏଥିପାଇଁ ପ୍ରଥମ ଥର ପାଇଁ ଜାତୀୟ ଶିକ୍ଷା ନୀତିରେ ଦର୍ଶାଯାଇଥିବା ଜାତୀୟ ଗବେଷଣା ପ୍ରତିଷ୍ଠାନ(ଏନଆରଏଫ) ମାଧ୍ୟମରେ ଗବେଷଣା ଉପରେ ଜୋର୍ ଦିଆଯାଉଛି । ପ୍ରଧାନମନ୍ତ୍ରୀ ମୋଦି ଦୁନିଆକୁ ମିଶନ ଲାଇଫର ମନ୍ତ୍ର ଦେଇଛନ୍ତି । କୋଟକ୍ ସ୍କୁଲ ଏହି ମନ୍ତ୍ର ଅନୁସରଣ କରି ସଷ୍ଟେନବିଲିଟିର ସବୁ ଫ୍ୟାକ୍ଟର ପର୍ଯ୍ୟନ୍ତ ଏକ ନୂଆ ମଡେଲ ତିଆରି କରୁ, ଯେଉଁ ମଡେଲ କେବଳ ଭାରତର ଆବଶ୍ୟକତା ପୂରଣ କରିବ ନାହିଁ ବରଂ ବିଶ୍ୱର ଗରିବ ଓ ପ୍ରଗତିଶୀଳ ଦେଶ ପାଇଁ ନୂଆ ମାର୍ଗ ପ୍ରଶସ୍ତ କରିବ । ଆମକୁ ନିଜ ପିଲାଙ୍କୁ ପିଲା ଦିନରୁ ହିଁ ସଷ୍ଟେନବିଲିଟି ବିଷୟରେ ବୁଝାଇବା ଆବଶ୍ୟକ । ଯଦି ପିଲା ବେଳୁ ସଷ୍ଟେନବିଲିଟି ଉପରେ ପିଲାମାନେ ବୁଝିବେ ତେବେ ଭବିଷ୍ୟତରେ ସେ ଭାରତ ତଥା ସମଗ୍ର ବିଶ୍ୱକୁ ନେତୃତ୍ୱ ଦେବାରେ ସମର୍ଥ ହେବେ । ଆମର ନିଜର ସମଗ୍ର ୱାର୍କଫୋର୍ସକୁ ମଧ୍ୟ ଗ୍ରୀନ ୱାର୍କଫୋର୍ସରେ ପରିଣତ କରିବା ଦରକାର । ଆମକୁ ଉର୍ଜା ସଂରକ୍ଷଣ ସହ ଓ୍ୱେଷ୍ଟ ଟୁ ଓ୍ୱେଲଥ୍ ବିଷୟରେ ସଚେତନ କରିବାକୁ ପଡିବ ଏବଂ ଭବିଷ୍ୟତରେ ସଷ୍ଟେନବିଲଟି କେବଳ ଆମ ପାଇଁ ଏକ ସ୍ଲୋଗାନ, ନୀତି କିମ୍ବା ରଣନୀତି ହେବା ଉଚିତ ନୁହେଁ ବରଂ ଆମ ସମସ୍ତଙ୍କୁ ଏହି ଦାୟିତ୍ୱ ନେବାକୁ ପଡିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ଓଡ଼ିଶାରେ ହେବ ଇଣ୍ଡିଆନ ଜର୍ଣ୍ଣାଲିଷ୍ଟ କଂଗ୍ରେସ, ଉନ୍ମୋଚିତ ହେବ ଲୋଗୋ

ଭୁବନେଶ୍ୱର, ୧୪।୧୨(ପି.ଏନ) **(ପ୍ରିୟବ୍ରତ)** : ସମଗ୍ର ଦେଶର ସାମ୍ବାଦିକମାନଙ୍କ ଅର୍ଥନୈତିକ, ସାମାଜିକ ଓ ବୃତ୍ତିଗତ କଲ୍ୟାଣ ଉଦ୍ଦେଶ୍ୟରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି ଜର୍ଣ୍ଣାଲିଷ୍ଟ ଡେଭଲପମେଣ୍ଟ କାଉନସିଲ ଅଫ୍ ଇଣ୍ଡିଆ । ଏହି କ୍ରମରେ ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେ ଭୁବନେଶ୍ୱରରେ ଆୟୋଜିତ ହେବ ଇଣ୍ଡିଆନ ଜର୍ଣ୍ଣାଲିଷ୍ଟ କଂଗ୍ରେସ । ଏହି କାର୍ଯ୍ୟକ୍ରମରେ ଶ୍ରୀଲଙ୍କା, ଦୁବାଇ ସମେତ ଭାରତର ବିଭିନ୍ନ ରାଜ୍ୟ ତଥା ସମଗ୍ର ଓଡ଼ିଶାରୁ ଦୁଇହଜାରରୁ ଉର୍ଦ୍ଧ୍ୱ ସାମ୍ବାଦିକ ସମ୍ମିଳିତ ହେବେ । ଏହି ତ୍ରିଦେଶୀୟ କାର୍ଯ୍ୟକ୍ରମରେ ସାମ୍ବାଦିକତାର ପରିପୃଷ୍ଟତା ତଥା ସାମ୍ବାଦିକ ସମୂହଙ୍କ




ବୃତ୍ତିଗତ କଲ୍ୟାଣ, ଅର୍ଥନୈତିକ ଓ ସାମାଜିକ ସୁରକ୍ଷା ଉଦ୍ଦେଶ୍ୟରେ ସେମିନାରମାନ ଆୟୋଜନ ହେବ । ଏଥିରେ ଦେଶର ପ୍ରତିଷ୍ଠିତ ସାମ୍ବାଦିକମାନଙ୍କ ସମେତ ସାମ୍ବାଦିକ ସଂଗଠନର ନେତୃତ୍ୱ ନେଉଥିବା ସାମ୍ବାଦିକ ନେତାମାନେ ସେମାନଙ୍କ ବିଗ୍ ?ର ପରିବେଷଣ କରିବେ । ଏହି ଅବସରରେ ସାମ୍ବାଦିକତାର ପ୍ରତୀକ ଭାବେ ଏକ 'ଲୋଗୋ' ଉନ୍ମୋଚିତ ହେବ । ପରବର୍ତ୍ତୀ ସମୟରେ 'ଲୋଗୋ'ର ବହୁଳ ବ୍ୟବହାର ଓ ବିଚାର ଆଦାନ ପ୍ରଦାନ ପାଇଁ ପ୍ରତିବର୍ଷ ବିଭିନ୍ନ ରାଜ୍ୟ ସମେତ ଦେଶ ବାହାରେ ଜର୍ଣ୍ଣାଲିଷ୍ଟ କଂଗ୍ରେସର ଆୟୋଜନ କରାଯିବ । ଇଣ୍ଡିଆନ ଜର୍ଣ୍ଣାଲିଷ୍ଟ କଂଗ୍ରେସର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଜାନୁଆରୀ ପ୍ରଥମ ସପ୍ତାହରେ ଏକ ସୁଦୃଶ୍ୟ ମାସ୍କଟର ଉନ୍ମୋଚନ କରାଯିବ । ରାଜ୍ୟର ବରିଷ୍ଠ ସାମ୍ବାଦିକ ଓ ସମସ୍ତ ସାମ୍ବାଦିକ ସଂଗଠନମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯିବ ବୋଲି ଜେଡିସିଆଇର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ସଭାପତି ଗୋପାଳକୃଷ୍ଣ ମହାପାତ୍ର, ସହ ଅଧ୍ୟକ୍ଷ ବିଭୂତି ଭୂଷଣ କର, ମହାସଚୀବ ସନତ ମିଶ୍ର, ଯୁଗ୍ମ ସଚୀବ ପବିତ୍ର ମହାରଥା, ଉପଦେଷ୍ଟା ଶ୍ରୀରାମ ଦାଶ, ପ୍ରଶାନ୍ତ ପଟ୍ଟନାୟକ, ପ୍ରଦୋଷ ପଟ୍ଟନାୟକ, ପୀତବାସ ମିଶ୍ର, ପ୍ରଦ୍ୟୁମ୍ନ ମହାନ୍ତି, କୋଷାଧ୍ୟକ୍ଷ ରାଜେନ ଚୌଧୁରୀ, ଅର୍ଥ ସଚୀବ ନିମାଇଁ ଚରଣ ଦାସ, ପାର୍ଥସାରଥୀ ଜେନା, ସନାତନ ଦଳବେହେରା, ଲିଙ୍ଗରାଜ ସାହୁ ପ୍ରମୁଖ ସୂଚନା ଦେଇଛନ୍ତି ।

## ରଂଜିତ ପାତ୍ର ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ନିଯୁକ୍ତ

ଭୁବନେଶ୍ୱର,୧୪।୧୨(ପି.ଏନ):ଆଜି ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଶ୍ରୀ ବିଭି ଶ୍ରୀନିଭାସ ଦିଲ୍ଲୀସ୍ଥିତ ଅଖିଳ ଭାରତ ଯୁବ କଂଗ୍ରେସ କାର୍ଯ୍ୟାଳୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଭାବରେ ରଂଜିତ ପାତ୍ରଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି । କଂଗ୍ରେସ ଅଧ୍ୟକ୍ଷ ଶ୍ରୀଯୁକ୍ତ ମଲ୍ଲିକାର୍ଜୁନ ଖାଡ଼ଗେ ଜୀ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ଶ୍ରୀମତୀ ଗାନ୍ଧୀ ଜୀ ଏବଂ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀଜୀଙ୍କ ନେତୃତ୍ୱ ଓ ଆଦର୍ଶକୁ ଆଧାର କରି ନିଷ୍ଠାର ସହ ଯୁବ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାକୁ ଶ୍ରୀନିଭାସ ଶ୍ରୀ ପାତ୍ରଙ୍କୁ ନିଯୁକ୍ତି ପତ୍ରରେ କହିଛନ୍ତି । ଶ୍ରୀ ପାତ୍ର ଦୀର୍ଘ ୧୨ ବର୍ଷଧରି ଯୁବ କଂଗ୍ରେସର ଜଣେ ନିଷ୍ଠାବାନ କର୍ମୀ ଭାବରେ କାର୍ଯ୍ୟ



କରିଆସୁଛନ୍ତି । ପୂର୍ବରୁ ସେ ଏକାମ୍ର ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି, ଭୁବନେଶ୍ୱର ଲୋକସଭା ଯୁବ କଂଗ୍ରେସ ସଭାପତି ଏବଂ ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଭାବରେ ସଫଳରୂପେ ତାଙ୍କର ଦାୟୀତ୍ୱ ନିର୍ବାହ କରିଥିଲେ। ସଦ୍ୟ ସମାପିତ ପ୍ରଦେଶ ଯୁବ କଂଗ୍ରେସ ନିର୍ବାଚନରେ ସଭାପତିପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ସେ ସର୍ବାଧିକ ଭୋଟ ପାଇଥିଲେ। ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଯୁବ କଂଗ୍ରେସ କର୍ମକର୍ତା ଏବଂ କର୍ମୀମାନେ ମିଷ୍ଟାନ୍ନ ବଂଟନ କରି, ବାଜା ବଜାଇ ଏବଂ ବାଣ ଫୁଟାଇ ଶ୍ରୀ ପାତ୍ରଙ୍କର ନୂତନ ନିଯୁକ୍ତିକୁ ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ, ପିସିସି ସାଧାରଣ ସଂପାଦକ ମନୋଜ ଜେନା, ପ୍ରକାଶ ମିଶ୍ର, ସୁବ୍ରତ ମହାପାତ୍ର, ଅଜୟ ସାହୁ, ଲିଙ୍ଗରାଜ ସାହୁ, ନିହାର ବେହେରା, ବଟକୃଷ୍ଣ ରାଉତରାୟ, ଉଦ୍ଦିତ ପ୍ରଧାନ, ବିଂରଚି ବାରିକ, ସ୍ପନ୍ଦନ ସ୍ୱାଇଁ, ସମିର ରାଉତ, ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ, ଦେବେନ୍ଦ୍ର ପ୍ରସାଦ ଦାସ, ନିଆଜୁଲ ଇସଲାମ, ସୌମେନ୍ଦ୍ର ମହାଁ, ସନ୍ଦିପ ରାଉତରାୟ ପ୍ରମୁଖ ବହୁ ଯୁବ କଂଗ୍ରେସ କର୍ମୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।









# ଟି ଟାଇମ୍

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି ।

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ 'ହରାମ୍‌ଖୋର'

ନଓ୍ୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ



ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା' ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

## ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ । ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା । ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି । ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ । ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇିନିୟର ଭାରତ ମାରୁଙ୍କ ସହ । ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା । ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ । ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର । ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର । ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ । କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ । ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ । ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା । କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ । ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ । ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା । ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ । କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ । ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ । ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ । ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା । ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି । ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି ।

## ଲାଭଦାୟକ ଓ୍ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ଓ୍ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ଓ୍ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ଓ୍ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ଓ୍ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ଓ୍ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ଓ୍ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ଓ୍ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ଓ୍ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

# ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ସିଂହ** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ । ପଙ୍ଗାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ । ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା । ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି । ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ । ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ତୁ' ମୋତେ ନ ଖା', ମୁଁ ତୋତେ ନଖାଏ

ଆମେ ଯେତେ ନିଶା ଖାଉ, ତା ମଧ୍ୟରେ ଧୂମପାନ ଅନ୍ୟତମ। ଧୂମପାନ ତମାଖୁ ସେବନର ଅନ୍ତର୍ଗତ। ସିଗାରେଟ୍, ବିଡ଼ି ଏବଂ ପିକା ଇତ୍ୟାଦି ସମାଜର ଅଶେଷ କ୍ଷତି କରୁଥିଲେ ହେଁ; ଏହାକୁ ନିଷେଧ କରିବାରେ ସେମିତି କିଛି ଆଖିଦୃଶିଆ କଡ଼ା ଆଇନ୍ ନାହିଁ। ତମାଖୁ ସେବନ ଏବଂ ଧୂମପାନ କାରଣରୁ ଅଧୁନା ପୃଥିବୀରେ ପ୍ରତି ଦଶ ସେକେଣ୍ଡରେ ଜଣେ ମରୁଛନ୍ତି। ଆଶା କରାଯାଏ ଯେ, ଏହାର ବହୁଳ ବ୍ୟବହାର ଉପରେ ଲଗାମ ନଲଗାଇଲେ ଅଥବା ଏହାକୁ ସଂପୂର୍ଣ୍ଣ ବାରଣ ନକଲେ, ପ୍ରତି ସେକେଣ୍ଡରେ ଜଣେ ଲେଖାଏଁ ମରିବା ସୁନିଶ୍ଚିତ। ଆମ ଭାରତରେ ତମାଖୁ ସେବନଜନିତ ସଂଖ୍ୟା ଏବେ ୧୨କୋଟିରୁ ଉର୍ଦ୍ଧ୍ୱ ଏବଂ ଏଥିରେ ପ୍ରତିବର୍ଷ ମରନ୍ତି ପ୍ରାୟ ନଅକୋଟି। ଏକ ସ୍ୱାସ୍ଥ୍ୟ ସୂଚନାରୁ ଜଣାପଡ଼ିଛି ଯେ, ଭାରତର ୬୦ଲକ୍ଷ ହୃଦ୍‌ରୋଗୀଙ୍କ ମଧ୍ୟରୁ ୩୦ଲକ୍ଷ ହୃଦ୍‌ରୋଗୀ ହେଉଛନ୍ତି ତମାଖୁ ବା ଧୂମପାନ ସେବନଜନିତ ରୋଗୀ। ଭାରତରେ ଥିବା କର୍କଟ ରୋଗୀଙ୍କ ମଧ୍ୟରେ ୯୦% ତମାଖୁ ସେବନଜନିତ କର୍କଟ ରୋଗୀ, ମୁଖଗହ୍ୱର କର୍କଟ ରୋଗର ମୁଖ୍ୟ କାରଣ। ଯଦି ସତର୍କତା ଅବଲମ୍ବନ କରାନଯାଏ ତେବେ ନିକଟ ଭବିଷ୍ୟତରେ ଏହା ଆଶାତୀତ ଭାବେ ବୃଦ୍ଧି ପାଇବ। ତମାଖୁରେ ୭୦୦୦ ପ୍ରକାର ରାସାୟନିକ ପଦାର୍ଥ ଅଛି ଯାହା ମଧ୍ୟରୁ ଅଧିକାଂଶ ଉପାଦାନ ପ୍ରବେଶ କରି ବିଭିନ୍ନ ରୋଗର କାରଣ ହୋଇଥାଏ। ଏହା ଶରୀରକୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ପ୍ରଭାବିତ କରିବା ସହ କର୍କଟ, ହୃତ୍‌ପିଣ୍ଡ ସଂକ୍ରାନ୍ତୀୟରୋଗ, ଫୁସ୍‌ଫୁସ୍ ଜନିତ ରୋଗ ଏବଂ ହୃଦ୍‌ଘାତରେ କାରଣ ହୋଇଥାଏ । ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ବିଶ୍ୱର ସର୍ବାଧିକ ମୁଖ କର୍କଟ ରୋଗୀ ଭାରତରେ ହିଁ ଅଛନ୍ତି । ଏହାର ମୁଖ୍ୟ କାରଣ ସେହି ଧୂମପାନ ଏବଂ ତମାଖୁ ସେବନ। ଏବେ କଅଁଳ ବୟସର ପିଲାମାନେ ବିଶେଷକରି ୧୩-୧୫ ବର୍ଷର ପିଲାଏ ସର୍ବାଧିକ ଧୂମପାନ କରୁଛନ୍ତି। ଏହା ଏମିତି ଏକ ନିଶା, ଯାହା ଥରେ ମାତ୍ର ଅଭ୍ୟାସରତ ହୋଇଗଲେ, ସାରା ଜୀବନ ଛାଡ଼ି ହୁଏନାହିଁ ଏବଂ ତାହା ତୁମକୁ ଗୋଡ଼ାଇ ଗୋଡ଼ାଇ ଖାଏ।

ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରତିଟି ସିଗାରେଟ୍ ସେବନ ଦ୍ୱାରା ମଣିଷର ଆୟୁ ୫ମିନିଟ୍ କମିଥାଏ । ଖଣ୍ଡିଏ ହୁକା ଟାଣିଲେ ୧୧ମିନିଟ୍ ଆୟୁ କମେ ଯାହାକି ୨୦ଟି ବିଡ଼ି ଟଣା ସହିତ ସମାନ। ଏହା ଅର୍ଥ ନୁହେଁ ବିଡ଼ିରେ କମ୍ ନିକୋଟିନ୍ ଅଛି ବୋଲି ତାକୁ ଖାଇବା। ଆମେ ମନେରଖିବା ଉଚିତ୍ ଯେ ପ୍ରାଣଘାତୀ ଆକ୍ରମଣ ପାଇଁ ଟୋପାଏ ବିଷପାନ ଯେପରି, ସେମିତି ବିଡ଼ି ଓ ସିଗାରେଟ୍ ଖାଉଥିବା ଲୋକଙ୍କ କଥା। ବିଡ଼ି ବା ସିଗାରେଟ୍ ଅଭ୍ୟାସ କରୁଥିବା ଲୋକଙ୍କର ଆୟୁଷର ୬ରୁ ୧୦ ବର୍ଷ ପୂର୍ବରୁ ମୃତ୍ୟୁବରଣ ହୋଇଥାଏ।

ଏବେ ତ ଉଭୟ ପୁରୁଷ ଏବଂ ମହିଳାମାନେ ତମାଖୁ ସହିତ ଧୂମପାନ କରୁଛନ୍ତି। ଆମ ଭାରତରେ ଏହିପରି ପୁରୁଷ ସେବନକାରୀ ସଂଖ୍ୟା ୫୬.୪% ଏବଂ ନାରୀମାନଙ୍କ ସଂଖ୍ୟା ୪୪.୬%। ଆମ ଦେଶରେ ଏକ ତୃତୀୟାଂଶ ଜନସଂଖ୍ୟା ଏଥିରେ ଅଭ୍ୟସ୍ତ।

ବିଶ୍ୱ ତମାଖୁ ସର୍ବେକ୍ଷଣ ୨୦୧୦ ଅନୁସାରେ ଯୁବକମାନଙ୍କର ୫୨% ଘରେ, କର୍ମକ୍ଷେତ୍ରରେ ୩୦% ଏବଂ ଜନତା ପରିବହନରେ ୧୭.୫% ତମାଖୁ ସେବନ ପ୍ରତି ଉନ୍ମୁକ୍ତ ଅଟନ୍ତି। ଉଲ୍ଲେଖଯୋଗ୍ୟ ଯେ ଯେଉଁମାନେ ଏହାକୁ ସେବନ କରନ୍ତି, ସେମାନେ ତ ଏହାର ଶିକାର ହୁଅନ୍ତି, ତାଙ୍କ ସହିତ ବା ତାଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି, ଗର୍ଭବତୀ ମହିଳା ଓ ଶିଶୁ ଯେଉଁମାନେ ଅଣଧୂମପାନକାରୀ, ସେମାନେ ଘରେ ବା' କର୍ମକ୍ଷେତ୍ରରେ ଯେଉଁଠି ଥାଆନ୍ତି, ୨୫-୩୦% ହୃଦରୋଗ ଏବଂ ୨୦-୩୦% ଫୁସ୍‌ଫୁସ୍‌ଜନିତ ରୋଗରେ ଆକ୍ରାନ୍ତ ହୁଅନ୍ତି। ଅନ୍ତଃରାଷ୍ଟ୍ରୀୟ ଗବେଷଣାରୁ (ଏସ୍.ଏଚ୍.ଏସ୍) ଏହା ମଣିଷ ପାଇଁ ପଦାଙ୍କିତ କାରଣ ହୋଇଛି। ଏସ୍.ଏଚ୍.ଏସ୍‌ରେ ୭୦୦୦ ବିଷାକ୍ତ ରାସାୟନିକ ମଧ୍ୟରୁ ୬୯ ଗୋଟି କର୍କଟ ରୋଗର କାରଣ। ନିକଟରେ ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ତମାଖୁ ସେବନ କାରଣରୁ ଆମେରିକାରେ ପ୍ରତିବର୍ଷ ପ୍ରାୟ ପାଞ୍ଚଲକ୍ଷ ଲୋକ କ୍ୟାନ୍‌ସରର ଶିକାର ହୋଇଥାଆନ୍ତି । ଆମେରିକାର ରୋଗ ନିୟନ୍ତ୍ରଣ ଓ ମୁକାବିଲା କେନ୍ଦ୍ର (ସିଡ଼ିସି)ର ତଥ୍ୟାନୁଯାୟୀ କ୍ୟାନ୍‌ସର ଅର୍ଦ୍ଧାଧିକ ମାମଲା ଫୁସ୍‌ଫୁସ୍ ଓ ଶ୍ୱାସନଳୀ ସମ୍ବନ୍ଧିତ। ଏତଦ୍‌ଭିନ୍ନ ମୁହଁ, ପେଟ ଓ କିଡ୍‌ନୀ କ୍ୟାନସର ହେବାର ସମ୍ଭାବନା ମଧ ତମାଖୁ ସେବନରୁ ବୋଲି ସତର୍କ କରାଯାଇଛି। ଦେଶର ଆର୍ଥିକ କ୍ଷେତ୍ରରେ ଏହାର ପ୍ରଭାବ ମଧ ବେଶ୍ କ୍ଷତିକାରକ; ପାଖାପାଖି ୧୬୭ ଶହ କୋଟି ଡଲାର।

ଏସ୍.ଏଚ୍.ଏସ୍ ପ୍ରତି ଉନ୍ମୁକ୍ତ ପିଲାମାନେ ହଠାତ୍ ପ୍ରାଥମିକ ଲକ୍ଷଣ ସହ (ଏସ୍.ଆଇ.ଡ଼ି.ଏସ୍) ତୀବ୍ର ଶ୍ୱାସ, କଣ୍ଠ ସମସ୍ୟା, ଶ୍ୱାସନଳୀ ପ୍ରଦାହ ଏବଂ ଅତିଶୟ ଆଜମା ନିମନ୍ତେ ବର୍ଦ୍ଧିତ ବିପଦରେ ଥାଆନ୍ତି। ଏସ୍.ଏଚ୍.ଏସ୍ ପ୍ରତି ଯୁବକମାନଙ୍କର ଉନ୍ମୁକ୍ତ, ହୃତ୍‌ପିଣ୍ଡ ଓ ଧମନୀ ରୋଗ, କୋରୋନରୀ ହୃଦୟ ରୋଗ ଏବଂ ବାୟୁ କୋଷ ଫୁସ୍ ଫୁସ୍ କର୍କଟର କାରଣ ହୋଇଥାଏ।

୨ ଅକ୍ଟୋବର ୨୦୦୮ରେ ଭାରତ ସରକାର ସର୍ବସାଧାରଣ ସ୍ଥାନରେ "ଧୂମପାନ ନିଷେଧ" ଉପରେ ସଂଶୋଧିତ ଆଇନ୍ ଲାଗୁ କରିଛନ୍ତି। ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରିଛନ୍ତି। ସର୍ବସାଧାରଣ ସ୍ଥାନରେ ଧୂମପାନ କରୁଥିବା ବ୍ୟକ୍ତିଙ୍କୁ ୨୦୦ଟଙ୍କା ଜୋରିମନା ଦେବାର ନିୟମ ଥିଲା। ଏହାକୁ ଧରାଇଦେବାରେ ସ୍ୱାସ୍ଥ୍ୟ ଓ ଗୃହ ବିଭାଗ ତରଫରୁ କର୍ମଚାରୀମାନଙ୍କୁ ନେଇ ସ୍ୱେଚ୍ଛାସେବା ସଂଗଠନ ମାଧ୍ୟମରେ ବ୍ୟବସ୍ଥା ଅଛି। ସରକାରୀ କର୍ମଚାରୀ ତାଙ୍କ କାର୍ଯ୍ୟାଳୟରେ ଧୂମପାନ କଲେ ୫୦୦ଟଙ୍କା ଏବଂ ଦୁଇଜଣ ମିଶି ଧୂମପାନ କଲେ ୧୦ ହଜାର ଟଙ୍କାର ଜୋରିମାନା କଥା ବି ଅଛି।

ଏସବୁ ସତ୍ତ୍ୱେ ଧୂମପାନକାରୀଙ୍କ ସଂଖ୍ୟା ବଢ଼ି ରହିଛି। ଆଇନ୍ ତା' ପୋଥି ଭିତରେ ନୀରବ। କର୍ମୀଙ୍କ କଥା ଛାଡ଼। ମଦ କୁହେ; ତୁମେମାନେ ମୋତେ ଖାଉନ, ମୁଁ ତୁମକୁ ଖାଉଛି। ଏବେ ଧୂମପାନ କଥା ସେୟା, ଆମେ କ'ଣ କହିବା ଯେ ଧୂମପାନ ଆମକୁ ଖାଉ !

ଧୂମପାନ ନିଷେଧ ପାଇଁ ଆମ ଜାତୀୟ ସରକାର ନାନାବିଧ ପଦକ୍ଷେପ ନେଇଛନ୍ତି। ସିଗାରେଟ୍ ଟାଣିବା ଓ ତମାଖୁ ଚୋବାଇବାରେ କଡ଼ା କଟକଣା ଜାରିକରିବାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଏକ କମିଟି ଗଠନ କରାଯାଇଥିଲା। ଗତ ସେପ୍ଟେମ୍ବର ୨୦୧୪ରେ କମିଟି ତାଙ୍କ ସୁପାରିଶ ଦେଇଛନ୍ତି। ଏହା ଏକ ସ୍ପର୍ଶକାତର ବିଷୟ ହେତୁ ଆଗାମୀ ଶୀତକାଳୀନ ଅଧିବେଶନରେ ସଂସଦରେ ପାରିତ ହୋଇ ନିୟମରେ ପରିଣତ ହେବାର ଅଛି। ଏହା ଯଦି ହୁଏ, ତେବେ ପୂର୍ବ ଆଇନ୍‌ର ସଂଶୋଧିତ ରୂପରେ ସର୍ବସାଧାରଣ ସ୍ଥାନରେ ଧୂମପାନ କଲେ ପୂର୍ବ ପ୍ରଚଳିତ ୨୦୦ ଟଙ୍କା ପରିବର୍ତ୍ତେ ଏହା ୨୦ ହଜାର ଟଙ୍କା ଜୋରିମନା ହେବ। ସିଗାରେଟ୍‌ର ବ୍ୟବହାର ରୋକିବା ଏବଂ ହ୍ରାସ ପାଇଁ ଏଣିକି ପ୍ୟାକେଟ୍‌ରୁ ଖୋଲି କେହି ଖୁଚୁରା ବିକିପାରିବେ ନାହିଁ। କାରଣ ଖୋଲା ସିଗାରେଟ୍ ପାନ ବିଡ଼ି ସିଗାରେଟ୍ ଦୋକାନରେ ଅଧିକ ବିକ୍ରି ହୋଇଥାଏ। ତେବେ ପ୍ୟାକେଟ୍ ବିକ୍ରି ଉପରେ ବି ପ୍ରଶ୍ନବାଚୀ ଅଛି। ପ୍ୟାକେଟ୍‌ଟିଏ ପାଖରେ ଥିଲେ ଅଧିକ ପିଇବାକୁ ଇଚ୍ଛା ହୁଏ। ପୁନଶ୍ଚ କଂପାନୀମାନଙ୍କୁ ସତର୍କ କରାଇ କୁହାଯାଇଛି ଯେ ସେମାନେ ପ୍ୟାକେଟ୍ ଉପରେ ୮୦% ସ୍ଥାନରେ ବୈଧାନିକ ସତର୍କତାସ୍ୱରୂପ ଫଟୋ ସହିତ ଚେତାବନୀକୁ ଦୃଶ୍ୟମାନ ବଡ଼ ଆକାରରେ ସ୍ଥାନିତ କରିବେ। ପୂର୍ବରୁ ଏହାକୁ ଖିଲାଫ କଲେ ୫୦୦୦ ଟଙ୍କା ଜୋରିମନା ଦେବାକୁ ଥିଲା। ଏବେ ଏହାକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଖାଲି ସେତିକି ନୁହେଁ, ତମାଖୁ ସେବନ ନିମନ୍ତେ ସର୍ବନିମ୍ନ ବୟସ୍ ୧୮ରୁ ୨୫କୁ ବୃଦ୍ଧି କରାଯାଇଛି। ଏହା କେତେଦୂର କାର୍ଯ୍ୟକାରୀ ହେବ, ତାହା କେବଳ ଦେଖିବାକୁ ବାକି ରହିଲା।

ପ୍ରତିବର୍ଷ ୧୧ ଅକ୍ଟୋବରକୁ ଧୂମପାନ ନିଷେଧ ଦିବସ ରୂପେ ପାଳନ କରିବାକୁ ଘୋଷଣା କରାଯାଇଛି। ଏହା ମାଧ୍ୟମରେ ଛାତ୍ରଛାତ୍ରୀ, ଶିକ୍ଷକ, ବୁଦ୍ଧିଜିବୀ ଏବଂ ସର୍ବସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇ ଧୂମପାନ ସେବନରୁ ନିବୃତ୍ତ କରାଇବାକୁ ପ୍ରବର୍ତ୍ତାଯାଉଛି।

ଧୂମପାନ କେବଳ ଆମ ରୋଗର ଏକ ମାରାତ୍ମକ କାରଣ ନୁହେଁ। ଏହା ଏକ ନିହାତି ଅସଭ୍ୟତା ଏବଂ ଅଭଦ୍ରତା। ଏ ନେଇ ଗାନ୍ଧି କହିଛନ୍ତି- *"ଯେବେଠାରୁ ମୁଁ ବଡ଼ ହୋଇଛି, ମୁଁ କେବେବି ଧୂମପାନ କରିବାକୁ ଇଚ୍ଛା କରିନାହିଁ ଏବଂ ସର୍ବଦା ଧୂମପାନ ଅଭ୍ୟାସକୁ ଅସଭ୍ୟ, ଘୃଣ୍ୟ ଓ କ୍ଷତିକାରକ ବୋଲି ବିବେଚନା କରିଛି। ମୁଁ କେବେବି ବୁଝିପାରିନାହିଁ ଯେ ସମଗ୍ର ବିଶ୍ୱରେ ଧୂମପାନ ପାଇଁ ଏତେ ଆବେଗ କାହିଁକି ? ଧୂମପାନ କରୁଥିବା ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିବା ଏକ ରେଳଡ଼ବାରେ ବସିବାକୁ ମୁଁ ସହ୍ୟ କରିପାରିବି ନାହିଁ। -ସତ୍ୟ ସହିତ ମୋ ପରୀକ୍ଷା।"*

# କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ ବିବାଦ

ଆମ ଦେଶର ଜାତିଗତ ବିବାଦ ସଂପର୍କୀୟ ଘଟଣା ସବୁବେଳେ ଆମେ ବହୁଳ ଭାବରେ ଆଲୋଚନା କରି ସେ ସମୟର ନିର୍ଯାତନା ପାଇଁ ଏବେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଜାତି ବା ସଂପ୍ରଦାୟଙ୍କୁ ଦାୟୀ କରି ନିନ୍ଦା ଓ ଭତ୍ସନା ଜାରି ରଖିଛୁ । ପ୍ରତିଦିନ ମନୁଙ୍କ ସପ୍ତପୁରୁଷଙ୍କୁ ଶ୍ରାଦ୍ଧ କରାଯାଉଛି । ବ୍ରାହ୍ମଣମାନଙ୍କ ମୁହଁରେ କଳା ବୋଳାଯାଉଛି । ଆମ ଦେଶରେ ଜାତିଗତ ବିଭେଦ ପାଇଁ କେବେ ରକ୍ତପାତ ହୋଇ ନଥିଲା । ସମୟ ଅନୁଯାୟୀ ଲୋକମାନେ ଅତୀତକୁ ଭୁଲି ସଂହତିର ଜୀବନ କଟାଇଲା ବେଳକୁ ଆମ ନେତାମାନେ ଲୋକମାନଙ୍କୁ ଶାନ୍ତିରେ ରଖାଇ ଦେଉନାହାନ୍ତି । ଦଳିତ, ଅନୁସୂଚିତ ବୋଲି ଅନେକ ଶବ୍ଦ ସୃଷ୍ଟି କରି ସବୁବେଳେ ଅତୀତକୁ ଉଖୁରାଉଛନ୍ତି । ନାନାପ୍ରକାର ସଂରକ୍ଷଣରେ ଦେଶକୁ ଶତ ବିଭକ୍ତ କରି ନିଜର ଭୋଟବ୍ୟାଙ୍କ ସୃଷ୍ଟି କରି ଚାଲିଛନ୍ତି ।

ମଧ୍ୟଯୁଗରେ ଖାଲି ଭାରତ ନୁହେଁ, ପୃଥିବୀର ସବୁଆଡେ ଭୟଙ୍କର ଧର୍ମଗତ ବିଭେଦ ଲାଗିଥିଲା । ଯେଉଁ ୟୁରୋପୀୟମାନେ ଆଜି ସାହେବ ହୋଇଛନ୍ତି, କ୍ରୀତଦାସ ପ୍ରଥା ଭଳି ଜଘନ୍ୟ ପ୍ରଥାକୁ ଶହ ଶହ ବର୍ଷ ବଂଚ-।ଇ ରଖିଥିଲେ । ମଣିଷକୁ ପଶୁଠାରୁ ଆହୁରି ହୀନ କରିଥିଲେ । ଖ୍ରୀଷ୍ଟଆନମାନେ ସେମାନଙ୍କର ଜାତିଭେଦ ନାହିଁ କହି ଆମକୁ ଘୃଣା କରନ୍ତି, ସେମାନଙ୍କର କାଥୋଲିକ ଓ ପୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ବିବାଦ ହୋଇ ଶହ ଶହ ଜିଅନ୍ତା ମଣିଷକୁ କିପରି ପୋଡି ମାରୁଥିଲେ, ତାହାର ସାକ୍ଷୀ ଇତିହାସ ହିଁ ରହିଛି ।

ପ୍ରଥମ ଖ୍ରୀଷ୍ଟାବ୍ଦସରେ ପ୍ରାଚୀନ ଇସ୍ରାଏଲ ଭୂମି (ଜୁଡାଇ)ର ଜେସସ କ୍ରାଏଷ୍ଟ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ । ଏକ ନୂତନ ଧର୍ମ ଆଗମନରେ ଆତଙ୍କିତ ହୋଇ ସେଠାର ମୂଳ ଅଧିବାସୀ ଇହୁଦୀମାନଙ୍କର ପୂଜକ ମାନେ ରୋମାନ ଶାସକ ହିରୋଡଙ୍କ ଆଗରେ ଯୀଶୁଙ୍କ ବିରୁଦ୍ଧରେ ଆରୋପ ଆଣି ତାଙ୍କୁ କ୍ରୁସ ବିଦ୍ଧ କରାଇ ହତ୍ୟା କରିଥିଲେ । ସେତେବେଳେ ଧର୍ମରେ ନୂଆ ଚିନ୍ତାଧାରାକୁ ପ୍ରାଣଦଣ୍ଡ ଦେଇ ଦବାଇ ଦିଆଯାଉଥିଲା । ପରେ ପଲ, ପିଟର ଭଳି ଶିଷ୍ୟମାନେ ଆତ୍ମବଳି ଦେଇ ଏହାର ପ୍ରଚାର କରିଥିଲେ । ନୂତନ ଧର୍ମାବଲମ୍ବୀମାନେ ନାନା ନିର୍ଯାତନାର ଶିକାର ହେଲେ । ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ କନଷ୍ଟାଣ୍ଟଇନ ରୋମର ରାଜଧର୍ମ ରୂପେ ଖ୍ରୀଷ୍ଟଧର୍ମ କୁ ଗ୍ରହଣ କରିବାରୁ ଏହା ସାରା ରୋମ ସାମ୍ରାଜ୍ୟରେ ବ୍ୟାପିଗଲା । ଚର୍ଚ୍ଚମାନ ପ୍ରତିଷ୍ଠା କରାଗଲା । ରୋମର ବିଶପଙ୍କୁ ପୋପ କୁହାଗଲା । ଧର୍ମକୁ ରୋମାନ କାଥୋଲିକ (Universal) ଧର୍ମ ନାମ ଦିଆଗଲା । ଖ୍ରୀଷ୍ଟ ଧର୍ମର ଧର୍ମଗ୍ରନ୍ଥ ବାଇବେଲ ଲାଟିନ ଭାଷାରେ ଲେଖା ଥିଲା । ପ୍ରତି ରବିବାର ଦିନ ଚର୍ଚ୍ଚକୁ ଯିବା ବାଧ୍ୟତାମୂଳକ ଥିଲା। ମଣିଷର ବ୍ୟକ୍ତିଗତ ଜୀବନକୁ ଚର୍ଚ୍ଚ ନିୟନ୍ତ୍ରଣ କଲା। ୟୁରୋପର ଏକ ତୃତୀୟାଂଶ ଜମି ଚର୍ଚ୍ଚ ଅଧୀନରେ ଥିଲା । ପୋପ ଖ୍ରୀଷ୍ଟଆନ ଜଗତର ସର୍ବୋଚ୍ଚ ଧର୍ମଗୁରୁ ହେଲେ । ବିସପ, କାର୍ଡିନାଲ, ପ୍ରିଷ୍ଟ ମାଧ୍ୟମରେ ସାଧାରଣ ଲୋକମାନେ ଈଶ୍ୱରଙ୍କ ଉପଲବ୍ଧି କରୁଥିଲେ । ଅନୁତାପ, କନଫେସନ, ବାପ୍ଟିଜିମ ଓ ସତକାମ ଏହି ଧର୍ମର ମୂଳମନ୍ତ୍ର ଥିଲା । ପୋପ ସମସ୍ତ ଖ୍ରୀଷ୍ଟିଆନ ଜଗତର ସର୍ବୋଚ୍ଚ ଗୁରୁ ଥିଲେ । ସେ ବିସପ, କାର୍ଡିନାଲମାନଙ୍କୁ ନିଯୁକ୍ତି ଦେଉଥିଲେ । ପାପାଲ କିଙ୍ଗଡମ ନାମରେ ରାଜ୍ୟର ଶାସକ ମଧ୍ୟ ଥିଲେ । ପ୍ରତ୍ୟେକ ଶାସକ ନିଜ ଅଭିଷେକ, ବିବାହ ପାଇଁ ପୋପଙ୍କର ଅନୁମତି ନେଉଥିଲେ । କାଥୋଲିକ ଧର୍ମରେ କୌଣସି ଭିନ୍ନମତକୁ ଆଶ୍ରୟ ଦିଆଯାଉ ନ ଥିଲା । ନିଜର ନୂଆ ମତ (Heliocentrism,The Sun not Earth is in centre) ପାଇଁ ବୟସ୍କ ବୈଜ୍ଞାନିକ ଗାଲିଲିଓଙ୍କୁ ନାନା ଅପମାନ ଦିଆଗଲା (୧୫୩୪) । ସେ ମିଛୁଆ ଓ ଉଦଭ୍ରାନ୍ତ (Heratic) ବୋଲି ଘୋଷଣା କରାଗଲା । ସେ ଜୀବନଯାକ ଗୃହବନ୍ଦୀ ରହିଲେ । କବର ପାଇଁ ଯାଗା ଦିଆଗଲା ନାହିଁ । କାଳକ୍ରମେ ଅନେକ ଚିନ୍ତାଶୀଳ ବ୍ୟକ୍ତି ଧର୍ମର ସଂସ୍କାର ଚାହିଁଲେ । ସେମାନଙ୍କ ମଧ୍ୟରେ ଜର୍ମାନର ମାର୍ଟିନ ଲୁଥର ଓ କାଲଭିନ ପ୍ରଧାନ । ସେ ୯୫ ଥେସିସ ନାମରେ ଏକ ପୁସ୍ତକ ଲେଖି (୧୫୨୩) ପୋପଙ୍କ ଆଧିପତ୍ୟକୁ ପ୍ରୋଟେଷ୍ଟ କରିବାରୁ ତାଙ୍କ ଧର୍ମକୁ ପ୍ରୋଟେଷ୍ଟାଣ୍ଟ କୁହାଗଲା । ସେମାନେ ବାଇବେଲକୁ ସ୍ଥାନୀୟ ଭାଷାରେ ଛପାଇଲେ । ଈଶ୍ୱର ଓ ବ୍ୟକ୍ତି ମଧ୍ୟରେ ପ୍ରିଷ୍ଟର (ଚର୍ଚ୍ଚ) ମାଧ୍ୟମ ଦରକାର ନାହିଁ ବୋଲି କହିଲେ । ମଦର ମେରୀଙ୍କ ଈଶ୍ୱରତ୍ୱକୁ ମାନିଲେ ନାହିଁ । ଅନୁତାପ, ସତକର୍ମ ବଦଳରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସକୁ ପ୍ରାଧାନ୍ୟ ଦେଲେ । ଦଣ୍ଡରୁ କ୍ଷମା ପାଇଁ ଚର୍ଚ୍ଚମାନେ ଅର୍ଥ ନେବାକୁ ବିରୋଧ କଲେ । ସେମାନେ ନିଜର ସ୍ୱତନ୍ତ୍ର ଚର୍ଚ୍ଚ (Redemption) ପ୍ରତିଷ୍ଠା କଲେ । ପ୍ରତ୍ୟେକ ଚର୍ଚ୍ଚ ସମାନ ବୋଲି ଘୋଷଣା କଲେ । ଏହାର ସାମନା ପାଇଁ ପୋପ ସଂସ୍କାର କାର୍ଯ୍ୟକାରୀ କଲେ (୧୫୨୭) । ଜର୍ମାନୀର ଶାସକମାନେ ଲୁଥରଙ୍କୁ ସମର୍ଥନ କଲେ । ଜର୍ମାନୀ ସେତେବେଳେ ପବିତ୍ର ରୋମାନ ସମାଜର ଅନ୍ତର୍ଗତ ଥିଲା, ଯେ କି ପୋପଙ୍କର ଦୃଢ ସମର୍ଥକ ଥିଲେ । ଜର୍ମାନରେ ତିରିଶ ବର୍ଷ ଧରି ଯୁଦ୍ଧ ଚାଲିଲା । ଅନେକ ରାଜ୍ୟ ଧ୍ୱଂସ ହେଲା । କୁହାଯାଏ ଜର୍ମାନର ଏକ ତୃତିୟାଂଶ ଲୋକ ଏହି ଧର୍ମଯୁଦ୍ଧରେ ମରିଗଲେ । ଲାଟିନ ଆମେରିକା, ଇଟାଲି, ସ୍ପେନ୍, ପର୍ତ୍ତୁଗାଲ, ୨୩-ଇଷ୍ଟର୍ଣ୍ଣ ଅର୍ଥୋଡସ୍କ କାଥୋଲିକ ଧର୍ମର (୧.୨ ବିଲିଅନ) ସମର୍ଥକ ଥିଲେ । ଜର୍ମାନ, ଫ୍ରାନସ, ଆମେରିକା, ହଲାଣ୍ଡ ପ୍ରୋଟେଷ୍ଟାଣ୍ଟକୁ ଆପଣେଇଲେ (୮୦ ମିଲିଅନ) । ଏଥିନେଇ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଚାଲିଲା । ଇଂଲଣ୍ଡର ହେନେରି-୮ଙ୍କ ପୋପଙ୍କ ସହ ବିବାଦ ହେବାରୁ ସେ ନିଜ ଦେଶରେ କାଥୋଲିକ ଚର୍ଚ୍ଚମାନ ବନ୍ଦ କରାଇଦେଲେ । ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ଅନେକ ଦେଶ ଛାଡିଲେ । ତାଙ୍କ କନ୍ୟା ମେରି ଶାସକ ହେଲାପରେ କାଥୋଲିକଙ୍କୁ ସମର୍ଥନ କଲେ । ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲେ । ତାଙ୍କର ମାତ୍ର ୫ ବର୍ଷ ଶାସନ ମଧ୍ୟରେ ଆର୍କ ବିଶପ କାଉନବରି (କ୍ରାନମର)ଙ୍କ ସମେତ ୨୭୮ଜଣଙ୍କୁ ନିଆଁରେ ପୋଡି ମାରିଥିଲେ । ସେଥିପାଇଁ (Inquisition Law) ବୋଲି ଲୋକେ ଡାକିଲେ । ସ୍ପେନର ଜଣେ ପ୍ରୋଟେଷ୍ଟାଣ୍ଟ କେଟେନ ରିପିଲ (ଶିକ୍ଷକଙ୍କୁ) ଧର୍ମଯାଜକ ପ୍ରିସାଲିନଙ୍କୁ ପୋଡି ମାରିଦିଆଗଲା । ତାଙ୍କର ଅପରାଧ ହେଲା ସେ ଚର୍ଚ୍ଚରେ ପ୍ରାର୍ଥନା ନକରି ଘରେ ପ୍ରାର୍ଥନା କରାଉଥିଲେ । ଆୟରଲାଣ୍ଡରେ କାଥୋଲିକମାନଙ୍କୁ ୪୫ ଫୁଟ ବାଡ ଦିଆଯାଇ ନିଆରା ରଖାଗଲା । ଇଂଲଣ୍ଡରେ ଗୃହଯୁଦ୍ଧ ହୋଇ ରାଜା ଚାର୍ଲସ (କାଥୋଲିକ)ଙ୍କୁ ହତ୍ୟା କରାଗଲା । ସାରା ୟୁରୋପରେ ଇହୁଦୀ ମାନଙ୍କୁ ଘୃଣା କରି ଘେଟୋରେ ରଖାଗଲା ।

ଭିନ୍ନ ମତାବଲମ୍ବୀମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ପୋପ କାଥେଲିକମାନଙ୍କ Inquisition Law ପ୍ରଣୟନ ପାଇଁ ଆଦେଶ ଦେଲେ । ଏହା ବର୍ତ୍ତମାନର ତାଲିବାନ ଆଇନଠାରୁ ଆହୁରି ଜଘନ୍ୟ ଥିଲା । ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ପାଇଲେ । ଯେଉଁମାନେ ଠିକ୍ ଭାବେ ଧର୍ମ ଆଚରଣ କରୁନଥିବେ (Heratics, Heresy) ସେମାନଙ୍କ ପାଇଁ ବିଭିନ୍ନ ଦଣ୍ଡର ବ୍ୟବସ୍ଥା ରହିଲା । ବିଶେଷତଃ ନିୟୁ ଖ୍ରୀଷ୍ଟିଆନ (Converted Christian)ମାନେ ନିଜ ପୁରୁଣା ଧର୍ମର ବ୍ୟବସ୍ଥା ମାନୁଥିବାରୁ ଏହାର ଶିକାର ହେଉଥିଲେ । ଦଣ୍ଡ ହେଲା, ନିଆଁରେ ପୋଡି ମାରିବା, ସାଧାରଣ ଜାଗାରେ ବାନ୍ଧି ଚାବୁକ ମାରିବା, ଲୋକମାନେ ଟେକା ଫିଙ୍ଗିବା, ଛିପ ପକାଇବା, ଯାହା ଏକ ପୂଣ୍ୟ କାର୍ଯ୍ୟ ବୋଲି ବିବେଚିତ ଥିଲା। ନିର୍ଜନ କାରାବାସ, ଦେଶାନ୍ତର, ଉପରୁ କଚାଡି ହାଡ ଗୋଡ ଭାଙ୍ଗି ଦେବା । ଶାସକ ମାନେ ନିଜ ବିରୋଧୀଙ୍କୁ ଏହି ସୁଯୋଗରେ ଧର୍ମଦ୍ରୋହୀ କହି ଦଣ୍ଡ ଦେଲେ । ସାରା ୟୁରୋପ ଓ ସେମାନଙ୍କର କଲୋନିମାନଙ୍କରେ ହଜାର ହଜାର ବ୍ୟକ୍ତିଙ୍କୁ ହତ୍ୟା କରାଗଲା । ପର୍ତ୍ତୁଗୀଜ ଅଧିକୃତ ଗୋଆରେ ଧର୍ମପ୍ରାଣ ସେଣ୍ଟ ଫ୍ରାନସିସ ଜାଭିଅରଙ୍କ ଆଦେଶରେ ୭୦ ଜଣଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ୟୁରୋପରୁ ଏହି କଳାରାତି ନେପୋଲିଅନଙ୍କ ଆବିର୍ଭାବରେ ସମାପ୍ତ ହୋଇଥିଲା । ସେ ଆଦେଶ ଦେଇ ଏହି ଆଇନକୁ ଉଠାଇ ଦେଇଥିଲେ । ଆମର ଅତୀତକୁ ସମାଲୋଚନା କଲା ବେଳେ ସେହି ଉନ୍ନତ ଦେଶମାନଙ୍କ ଅତୀତକୁ ତୁଳନା କଲେ, ଆମ ବ୍ୟବସ୍ଥା ଯେ ତାଙ୍କ ଠାରୁ ସହସ୍ରଗୁଣ ଉଦାର ଥିଲା, ତାହା ନିଃସନ୍ଦେହରେ କୁହାଯାଇପାରିବ । ସେଥିପାଇଁ ଆମର ଅତୀତରେ ଯାହାକିଛି ଦୁର୍ବଳତା ରହିଛି, ତାହା ପାଇଁ ଲଜ୍ଜିତ ହେବାର ଆବଶ୍ୟକତା କିଛି ନାହିଁ ।

# ବିଷାଦଗ୍ରସ୍ତ ଭାରତ



ବ୍ୟସ୍ତବହୁଳ ଜୀବନରେ ଜଞ୍ଜାଳମୟ ମୁହୂର୍ତ୍ତ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରୁଛି। କର୍ମକ୍ଷେତ୍ର ଠାରୁ ବୃତ୍ତିଗତ କ୍ଷେତ୍ର ସବୁଠି ବ୍ୟସ୍ତତା, ଅଶାନ୍ତି ଓ ବିଶାଦର ଚିହ୍ନ। ନିକଟରେ ଜାତୀୟ ସ୍ୱାସ୍ଥ୍ୟ ବୁଲେଟିନର ତଥ୍ୟକୁ ଅନୁଯାୟୀ ଭାରତକୁ ଏକ ପ୍ରକାର ବିଷାଦମୟ ପରିବେଶ ସଂକ୍ରମିତ କରିଛି ବୋଲି ପରୋକ୍ଷରେ ତଥ୍ୟ ରଖିଛି। କେବଳ ସେତିକି ନୁହେଁ ସମାଜ ବିଜ୍ଞାନୀଙ୍କ ମତରେ ଭାରତକୁ କୁହାଯାଇଛି ଆତ୍ମହତ୍ୟାର ରାଜଧାନୀ। ଏହାର କାରଣ ଭାବେ ମେଡ଼ିକାଲ ରିସର୍ଚ୍ଚ ଆସୋସିଏସନ୍ ଦର୍ଶାଇଛି ଯେ ଭାରତ ଦିନକୁ ଦିନ ଅଧିକରୁ ଅଧିକ ବିଷାଦଗ୍ରସ୍ତ ହୋଇ ପଡୁଛି। ଏହାର କାରଣ ଅନେକ। ଯୁବକମାନଙ୍କ ଭିତରେ ରହିଛି ପରୀକ୍ଷା ବା ଚାକିରୀ ପାଇବାରେ ବିଫଳତା ଏବଂ ବେକାରୀ। ପ୍ରେମଜନିତ ଆତ୍ମହତ୍ୟା ଘଟନା ବି ବେଶ୍ ବଢ଼ିବାରେ ଲାଗିଛି। ସେହିପରି ଘରଣୀମାନେ ମଧ ଆଗଠାରୁ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। ସେମାନଙ୍କ ପରେ ଆସୁଛନ୍ତି ବୃଦ୍ଧ ବା ବୃଦ୍ଧା। ବରିଷ୍ଠ ନାଗରିକମାନେ ମଧ ନିଃସଙ୍ଗତା ଓ ଆର୍ଥିକ ଅନଟନଜନିତ କାରଣରୁ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଛନ୍ତି। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଭାରତର ପ୍ରାୟ ଦୁଇ ତୃତୀୟାଂଶ ଲୋକେ ସାମାନ୍ୟ ଭାବେ ବିଷାଦଗ୍ରସ୍ତ। କିନ୍ତୁ ଏକ ଚତୁର୍ଥାଂଶ ଭାରତ ଅତି ମାତ୍ରାରେ ବିଷାଦଗ୍ରସ୍ତ, ଯାହାକି ଆତ୍ମହତ୍ୟାର ମୁଖ୍ୟ କାରଣ। ଜଣାପଡ଼ିଛି ଯେ ଭାରତରେ ଏବେ ପ୍ରତି ପନ୍ଦର ମିନିଟ୍‌ରେ ତିନିଟି ଆତ୍ମହତ୍ୟା ଘଟନା ଘଟୁଛି। ଏହି ତିନିଟି ଭିତରୁ ୧୮ରୁ ୨୯ ବର୍ଷ ବୟସ ଭିତରେ ଯୁବକ ବା ଯୁବତୀଙ୍କ ସଂଖ୍ୟା ହେଉଛି ଗୋଟିଏ। ଭାରତକୁ ଆତ୍ମହତ୍ୟାର ରାଜଧାନୀ ବୋଲି କୁହାଯିବା ପଛରେ କାରଣ ହେଉଛି ପ୍ରତିବର୍ଷ ଯେତିକି ଆତ୍ମହତ୍ୟା ଘଟନା ରିପୋର୍ଟ ହେଉଛି ତା ସଂଖ୍ୟା ଏକ ଲକ୍ଷରୁ ଅଧିକ। ନ୍ୟାସନାଲ କ୍ରାଇମ୍ ବ୍ୟୁରୋର ରିପୋର୍ଟରୁ ଜଣା ପଡ଼ିଛି ଯେ ପ୍ରତିଟି ଆତ୍ମହତ୍ୟା ସଫଳ ହେବା ପଛରେ ରହିଥାଏ ପ୍ରାୟ ୧୨ଟି ବିଫଳ ଆତ୍ମହତ୍ୟାର ଉଦ୍ୟମ ହୋଇଥାଏ। ଜଣାପଡ଼ିଛି ଯେ ଭାରତରେ ବିଷ ପିଇ ଆତ୍ମହତ୍ୟା କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ। ଏବେ ଆତ୍ମହତ୍ୟାର ଧାରାରେ ଯେଉଁ ପରିବର୍ତ୍ତନ ବିଷୟରେ ସୂଚନା ମିଳିଛି ତାହା ହେଲା, ଏବେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଆତ୍ମହତ୍ୟାର ସଂଖ୍ୟା ବଢ଼ିଛି। ଛାତ୍ରଛାତ୍ରୀମାନଙ୍କ ଭିତରେ ଆତ୍ମହତ୍ୟାକୁ ରୋକିବାକୁ ହେଉଥିବା ବିଭିନ୍ନ ସ୍ତରୀୟ ଉଦ୍ୟମ ପରେ ସେଥିରେ କିଞ୍ଚିତ ରୋକ ଲାଗିଥିବାର ଦେଖାଯାଉଛି। ଶାସ୍ତ୍ର କହୁଛି ମଣିଷ ହେଉଛି ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ ବରଦାନ। କିନ୍ତୁ ସବୁକିଛି ଥାଇ ବି ଆମ୍ଭମାନଙ୍କ ଭିତରେ ବିଷାଦ କାହିଁକି ସ୍ଥାନ ପାଉଛି। ଜୀବନରେ ଅଭାବ ଯନ୍ତ୍ରଣା, ଅପମାନ ଠାରୁ ଅନେକ ଝଡ଼ଝଞ୍ଜାର ସ୍ଥାନ ରହିଛି। ସବୁଠି ପରିସ୍ଥିତିର ପ୍ରତିକୂଳକୁ ସାମ୍ନା କରି ଜୀବନ ପଥକୁ ଆଗକୁ ମାଡ଼ିଚାଲିବାର କଥା। ଆମ୍ଭେମାନେ ଚେଇଁ ଶୋଇଲା ପରି ସବୁକିଛି ଜାଣି ବି ଅଜଣା ପାଲଟୁଛେ। ବିଷାଦର ମୁଖ୍ୟ କ୍ଷେତ୍ର ହେଉଛି ହତାଶବୋଧ ଯାହାକି ଜୀବନର ଶେଷ ରାସ୍ତାରେ ମଣିଷଟିକୁ ପହଞ୍ଚାଇ ଦେଉଛି। ବାସ୍ତବବାଦୀ ଜୀବନରେ ଦରଦାମ୍‌ର ବୋଝ, ପରିବାରକୁ ସମୟ ଦେଇନପାରି ବ୍ୟସ୍ତତାର ମାନସିକତା, କାର୍ଯ୍ୟକ୍ଷେତ୍ରରେ ଗୁରୁଦାୟିତ୍ୱ, ଇପ୍‌ସିତ ବସ୍ତୁ ବା ସମ୍ପତି ନପାଇବା, ତଥାକଥିତ ଭାଗ୍ୟବାଦୀ ଜ୍ୟୋତିଷଙ୍କ ପରାମର୍ଶରେ ଭାଗ୍ୟନାହିଁ ବିଚାର କରିବା ପରି ବିଭିନ୍ନ ପ୍ରକାର ମାନସିକତା କବଳିତ କରୁଛି ଲୋକଚରିତ୍ରକୁ। ସମାଜରେ ବିଷାଦଗ୍ରସ୍ତତା ସବୁଠାରୁ ବଡ଼ ବ୍ୟାଧି ବୋଲି ମହାପୁରୁଷ ସେମାନଙ୍କ ମାର୍ଗଦର୍ଶନରେ କହିଛନ୍ତି। ବିଷାଦତା ଏକ ରୋଗ ନୁହେଁ ବାସ୍ତବରେ ଏହା ଏକ ମାନସିକତା। କ୍ଷୁଦ୍ର କୁଟୀରରେ ରାଜଉଆଁସର ସୁଖ ଜଣେ ପାଇ ନପାରେ କିନ୍ତୁ ଶାନ୍ତି ତ ନିଶ୍ଚିତ ପାଇପାରିବ ! ତେବେ ଏ ସବୁ ଜାଣି କ'ଣ ପାଇଁ ବିଷାଦଗ୍ରସ୍ତ ସମାଜରେ ଆମ୍ଭେମାନେ ଜୀବନ ନିର୍ବାହ କରୁଛେ। ଆସନ୍ତୁ ବିଷାଦଗ୍ରସ୍ତତାକୁ ମନ ଭିତରୁ ଦୂର କରି ଜୀବନକୁ ଭଲ କାମ ପାଇଁ ଭଲ ରାସ୍ତାରେ ନେବା ସହ ବିଷାଦଗ୍ରସ୍ତ ଭାରତକୁ ବଦଳାଇବାରେ ଗୁଣ୍ଡୁଚି ମୂଷା ପରି ଜଣେ ନାଗରିକ ହିସାବରେ ଦାୟିତ୍ୱ ନିର୍ବାହ କରି ସମାଜର କଲ୍ୟାଣ ସାଧିତ କରିପାରିବା।

**ଡାକ୍ତର ସମ୍ରାଟ କର,** ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ୍, କଟକ, ଦୂରଭାଷ : ୯୮୩୨୪୩୩୩୩୩

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ପାଳିତ ହୋଇଯାଇଛି । ଧର୍ମଶାଳା ବ୍ଲକର ଅଗ୍ରଣୀ ସଙ୍ଗଠନ ପ୍ରଗତିଶୀଳ ସାହିତ୍ୟ ସଂସଦ ପକ୍ଷରୁ ସଭାପତି ଆଦିତ୍ୟ ମାହୁନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. କାମଦେବ ଶତପଥୀ ଉତ୍କଳମଣିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ , ସମ୍ମାନୀୟ ଅତିଥି ଭାବେ ସାମ୍ବାଦିକ ମାନସ ରନ ଜେନା ଓ ମାନସ ରଂଜନ ବିଶ୍ୱାଳ ଯୋଗଦେଇ ଗୋପବନ୍ଧୁଙ୍କ ସେବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଉପଦେଷ୍ଟା ଦେବବ୍ରତ ରାଉତ ଅତିଥି ପରିଚୟ ଦେଇଥିବା ବେଳେ ସାମାଜିକ କର୍ମୀ ନିରନ ଖିଲାର ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଲେଖକ ଧୃବ ଚରଣ ବିଶ୍ୱାଳ, ସାମ୍ବାଦିକ ଅଖିଳ ସ୍ୱାଇଁ, ସାମାଜିକକର୍ମୀ ମକରଧ୍ୱଜ ଦାସ ଓ ମିହିର ଖୁଂଟିଆଙ୍କୁ ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସହ ସମ୍ପାଦକ ସତ୍ୟବ୍ରତ ରାଉତ ଧନ୍ୟବାଦ ଦେଇଥିଲେ । ସେହିପରି ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅ'ର୍ଗତ ଅରଙ୍ଗାବାଦ ଗ୍ରାମରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟ'1 ସଭାରେ ରବି ଲାବଣ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ପୈତୃକ ଗୃହର ସଂରକ୍ଷଣ ଏବଂ ସଂଗ୍ରହାଳୟ ନିର୍ମାଣ କରାଯିବା ସହିତ ଜନ୍ମ ପୀଠ ସୁଆଣ୍ଡୋ କୁ ପର୍ଯ୍ୟଟନ କେନ୍ଦ୍ର ଭାବେ ଘୋଷଣା କରିଥିବାରୁ ଶ୍ରୀ ଲାବଣ୍ୟ ଏଥିପାଇଁ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଥିଲେ । ଭରତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟ'1 ସଭାରେ ଅରୁଣ କୁମାର ସ୍ୱାଇଁ, ଚକ୍ରଧର ସାହୁ, ସୁଶା' ସାହୁ, ରଜତ ସାହୁ, ଶ୍ରୀକାନ୍ତ ବାରିକ , ସୁବ୍ରତ କୁମାର ଜେନା, ଅସିତ କୁମାର ଜେନା, କପିଳେନ୍ଦ୍ର ସେଠୀ, ଧିରେନ୍ଦ୍ର ଦାସ, ସୁଶା' ସାହୁ, ସରୋଜ ପଲେଇ ପ୍ରମୁଖ ବହୁ ଯୁବ ନେତା ଯୋଗଦେଇ ଗୋପବନ୍ଧୁଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଯୁବନେତା କିଶୋର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଜାରକାସ୍ଥିତ ଗୋପବନ୍ଧୁ ଛକ ପ୍ରତିମୁର୍ତ୍ତୀ ନିକଟରେ ଗୋପବନ୍ଧୁଙ୍କ ଜୟ'1 ପାଳିତ ହୋଇଯାଇଛି । ଗୋପବନ୍ଧୁ ସ୍ମୃତି କମିଟିର ସଭାପତି କିଶାନ ପଣ୍ଡାଙ୍କ ତତ୍ୱବଧାନରେ ଅନୁଷ୍ଠିତ ସଭାରେ ସମର୍ଥ ସଭାପତି କାହ୍ନି ଚରଣ ଦାଶ, କୃଷକ ନେତା ବଟକୃଷ୍ଣ ପରିଡା, ଶିକ୍ଷକନେତା ଯୁଧୀଷ୍ଠିର ସ୍ୱାଇଁ, ଅଧ୍ୟାପକ ପ୍ରଶା' କୁମାର ସାହୁ, ଗାନ୍ଧିବାଦୀ ନେତା ଲକ୍ଷ୍ମୀଧର ନାୟକ, ପୁର୍ବତନ ସମିତିସଭ୍ୟ ନରୋତମ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ଜୀବନା ଦର୍ଶନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ରମେଶ ରାଉତ, ଅଶହାୟ ବନ୍ଧୁ ପରିବାର ପକ୍ଷରୁ ସଭାପତି କିଶୋର ସାହୁ, ସମ୍ପାଦକ ଗଣେଶ୍ୱର ନାୟକ, କୋଷାଧ୍ୟକ୍ଷ ପୀତବାସ ନାୟକ, ସଦସ୍ୟା କାଦମ୍ବିନୀ ମିଶ୍ର, ତପନ ସାହୁ, ଅଜୟ ସେଠୀ, କୈଳାସ ମହାଁ, ନାରାୟଣ ପଣ୍ଡା,କପିଳେଶ୍ୱର ରଣା ପ୍ରମୁଖ ଯୋଗଦେଇ ସଫେଇ କାର୍ଯ୍ୟକରିବା ସହ ଚମ୍ପାଚାରା ରୋପଣ କରିଥିଲେ । ସଦସ୍ୟ ଦେବାଶିଷ ପରିଡା ଧନ୍ୟବାଦ ଦେଇଥିଲେ ।

# ଉତ୍କଳମଣି ଗୋପବନ୍ଧୁ ସେବାସଂଘ ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର (ପିଏନ୍): ଧର୍ମଶାଳା ସଂସ୍କୃତି ପରିଷଦ ଓ ଉତ୍କଳମଣି ଗୋପବନ୍ଧୁ ସେବାସଙ୍ଘ ମିଳିତ ଆନୁକୁଲ୍ୟରେ ଜାରକାସ୍ଥିତ ସିଭିକ୍ ସେଂଟର ପରିସରରେ ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ଅବସରପ୍ରାପ୍ତ ପ୍ରଫେସର ଡ. ନଟବର ଶତପଥୀ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ ଉଦଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ସିଡିଏମଓ ଡା. ବିଜୟ କୁମାର ଶତପଥୀଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଶତପଥୀ ଯୋଗଦେଇ ପ୍ରତ୍ୟେକ ଓଡିଆଙ୍କ ବୁନିଆଦି ଓ ସ୍ୱାଭିମାନ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଅକ୍ଷୟ କୁମାର ଜେନା ଯୋଗଦେଇ ଗୋପବନ୍ଧୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ପ୍ରବୋଧ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋପବନ୍ଧୁଙ୍କ ରଚନାରୁ ପ୍ରାରମ୍ଭିକ ସଙ୍ଗୀତ ସାଇକୃପା, ଋତୁପୁର୍ଣ୍ଣା ଓ ସମ୍ପୁର୍ଣ୍ଣା ତ୍ରିପାଠୀ ଗାନ କରିଥିଲେ । ଧର୍ମଶାଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକା' ଚ୍ୟାଉପଟ୍ଟନାୟକ ମଂଚ ଆମନ୍ତ୍ରଣ କରିଥିବା ବେଳେ ମାଧୁରୀ ଶତପଥୀ, ମିନତୀ ସାହୁ ଓ ତପନ କିଶୋର ଷଡଙ୍ଗୀ ଭଜନ ପରିବେଷଣ କରିଥିଲେ । ଗୋପବନ୍ଧୁଙ୍କ ସମ୍ପର୍କରେ ବଳଦେବଜିୟୁ ହାଇସ୍କୁଲର ଛାତ୍ରୀ ସାଇସୁଲଗ୍ନା ନନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସଂସ୍କୃତି ପରିଷଦ ପକ୍ଷରୁ ପ୍ରକାଶିତ 'ଲେଖନୀ' ପତ୍ରିକା ଓ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରବନ୍ଧ ପୁସ୍ତକ 'ଅମୃତ ତଟିନୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ପ୍ରଶଂସା ପତ୍ର ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ସହ-ସମ୍ପାଦକ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ଡିସେମ୍ବର ୧୫**

### ଶୀତ ଋତୁରେ ବିଭିନ୍ନ କାନ ସମସ୍ୟା

# କାନରେ ବେଳେ ବେଳେ ଟାଇଁ ଟାଇଁ ଶବ୍ଦ ହେଉଛି କି ?



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଶୀତର ପ୍ରକୋପ ବଢ଼ିଲାଣି । ଏହି ଶୀତର ପ୍ରକୋପ ବଢ଼ିବା ସମୟରେ କେତେ ଜଣଙ୍କର ବାମ ପଟ କାନ ଅଞ୍ଚଳ ଟାଇଁ ଟାଇଁ ଶବ୍ଦ ହୋଇଥାଏ । ଏପରିକି କାନରୁ କିଛି ତରଳିଆ ପଦାର୍ଥ ବାହାରିଲା ପରି ଅନୁଭବ ହୋଇଥାଏ କିନ୍ତୁ ଇୟର ବଡ଼ରେ ସଫା କଲେ କାନରୁ କିଛି ବାହାରି ନଥାଏ । ସେହିପରି ହାଇ ମାରିଲା ବେଳକୁ କିମ୍ବା ଛିଙ୍କିଲା ବେଳକୁ ଏକ ପ୍ରକାର ଶବ୍ଦ ଆସିଥାଏ । ଏହା ଥଣ୍ଡା ପାଇଁ ନାଁ କାନର କୌଣସି ସମସ୍ୟା ଏ ନେଇ ଅନେକଙ୍କ ଭିତରେ ଏକ ଦ୍ୱନ୍ଦ ଥାଏ । ବାସ୍ତବ କଥା ହେଉଛି ଏହାକୁ ଚିକିତ୍ସା ବିଜ୍ଞାନରେ ୟୁଷ୍ଟେଚେନ୍ ଟ୍ୟୁବ ଡିସଫଙ୍କସନ କୁହାଯାଏ । ଅଧିକ ଥଣ୍ଡା ପାଇଁ ଏହି ସମସ୍ୟା ଦେଖାଦେଇଥାଏ । ସେହିପରି କାନର ପରଦା ଟାଣି ହେଲେ ମଧ୍ୟ ଏହି ସମସ୍ୟା ଦେଖା ଦେଇଥାଏ । ଥଣ୍ଡା ରୋଗକୁ ଯଥା ସମ୍ଭବ ନିୟନ୍ତ୍ରଣ କରିପାରିଲେ ହିଁ କାନର ଏହି ସମସ୍ୟା ସମାଧାନ ହୋଇପାରିବ । ତେବେ କାନ ଭିତରେ କ'ଣ ରହିଯାଇଛି ବୋଲି ଭାବି ବିନା ଇଏନଟି ବିଶେଷଜ୍ଞଙ୍କ ପରାମର୍ଶରେ କାନ ସଫା କରନ୍ତୁ ନାହିଁ କିନ୍ତୁ ଏହାକୁ ବିଳମ୍ବିତ କଲେ ଶ୍ରବଣ ଶକ୍ତି ପ୍ରଭାବିତ ହୋଇଥାଏ । ସେହିପରି କେତେକ କ୍ଷେତ୍ରରେ ଜଣେ ଜଣେ ତାଙ୍କ କାନ ଭିତରେ କ'ଣ କିଛି ପଶି ଯାଇଛି ବୋଲି ଭାବି ବ୍ୟସ୍ତ ହୋଇପଡ଼ନ୍ତି । ଏପରିକି ବହୁ ଜୋରରେ ଖଡ଼ ଖଡ଼ ଶବ୍ଦ ହେଉଛି ବୋଲି କୁହନ୍ତି କିନ୍ତୁ ଲାଇଟ ପକାଇ ଦେଖିଲା ବେଳକୁ କାନ ଭିତରେ କିଛି ବି ସମସ୍ୟା ନଥାଏ । ବାସ୍ତବ କଥା ହେଉଛି ସାଧାରଣତଃ ଅଧିକ ଥଣ୍ଡା ଅନୁଭୂତ ହେବା ପରେ କେତେକଙ୍କ କ୍ଷେତ୍ରରେ ଏହି ସମସ୍ୟା ଦେଖାଦେଇଥାଏ । ଅସଲ କଥା ହେଉଛି କାନ ପରଦାର ଭିତର ପାର୍ଶ୍ୱରେ ପାଣି ଜମିବା ଦ୍ୱାରା ଏହି ସମସ୍ୟା ଦେଖାଦେଇଥାଏ । ଏହାକୁ ଭଲ କରିବା ପାଇଁ ଆଗେ ଥଣ୍ଡାର ଉତ୍ତମ ଚିକିତ୍ସା କରିବା ପ୍ରଥମ ବାଞ୍ଛନୀୟ । କିନ୍ତୁ ଆପଣ ମନଇଚ୍ଛା ନିଜର ଚିକିତ୍ସା କରନ୍ତୁ ନାହିଁ । କାନ ଭିତରେ କିଛି ଖଡ଼ ଖଡ଼ ଶବ୍ଦ ହେବା କେତେକଙ୍କ କ୍ଷେତ୍ରରେ କାନ ମଇଳାର କାରଣ ମଧ୍ୟ ହୋଇପାରିଥାଏ । ଅନେକ ଗାଧୋଇବା ସମୟରେ ସାମ୍ପୁ କରିଥାନ୍ତି । ଅନେକ ସମୟ ଧରି ମୁଣ୍ଡ ବୁଡ଼ାଇ ରଖିବା ଓ ସାମ୍ପୁ ମିଶା ପାଣି କାନ ବିନ୍ଧାର ପରବର୍ତ୍ତୀ ସମୟରେ କାରଣ ହୋଇଥାଏ । ତେବେ ଏହାକୁ ଆପଣ ହାଲକା ଭାବେ ନିଅନ୍ତୁ ନାହିଁ । ଯଦି ମୁଣ୍ଡ ଧୋଇବା ପରେ କାନ ଜୋରରେ ବିନ୍ଧା ହେଉଛି ତେବେ ମଧ୍ୟମ କାନ ବା ମିଡ଼ିଲ ଇୟର କିମ୍ବା ବାହାରେ ଯଦି ଫଙ୍ଗସ ବା ଅଟୋ ମାଇକ୍ରୋସିସ୍ ହୋଇଥାଏ ତେବେ ଏପରି ସମସ୍ୟା ଉପୁଜିପାରେ । ଏ କ୍ଷେତ୍ରରେ ପ୍ରାଥମିକ ପରାମର୍ଶ ହେବ ଆପଣ ଅଧିକ ସମୟ ଧରି ଦୁଇ କାନକୁ ବୁଡ଼ାଇ ଗାଧାନ୍ତୁ ନାହିଁ । କାନ ଭିତରେ ପାଣି ପଶି ଯାଇଥିଲେ କେବଳ ଶ୍ରବଣ ବିଶେଷଜ୍ଞଙ୍କ ସହାୟତାରେ କାନ ଭିତରର ପାଣିକୁ ସଫା କରିବାର ବ୍ୟବସ୍ଥା କରନ୍ତୁ । ମନଇଚ୍ଛା ତୁଳା ବା କପଡା ପୁରାଇ କାନ ସଫା କରନ୍ତୁ ନାହିଁ ଏହା ଆପଣଙ୍କ ପାଇଁ ପରବର୍ତ୍ତୀ ସମୟରେ ଅନ୍ୟ ଏକ ଯନ୍ତ୍ରଣାଦାୟକ କାନ ସମସ୍ୟାର କାରଣ ହୋଇପାରେ । ଏହି ଶୀତ ଦିନରେ କେତେକ ଅଭିଯୋଗ କରନ୍ତି ଯେ ଥଣ୍ଡା ପଡ଼ିବା ମାତ୍ରେ କାନ ତୀବ୍ର ଭାବେ ବିନ୍ଧୁଛି । କାନ ଭିତର ଅଠାଳିଆ ଲାଗୁଛି ଆଉ ଇୟର ବଡ଼ରେ ପରିଷ୍କାର କଲେ ବି କୌଣସି ବିନ୍ଧା କମୁନି । ଏ କ୍ଷେତ୍ରରେ ସର୍ବନିମ୍ନ ଇଏନଟି ସମ୍ବନ୍ଧୀୟ ପରାମର୍ଶ ହେଉଛି ସାଧାରଣତଃ ଥଣ୍ଡା ହିଁ ପ୍ରଥମ କାରଣ । ଦ୍ୱିତୀୟତଃ ଥଣ୍ଡା ପଡ଼ିବା ମାତ୍ରେ ଦୁଇ କାନ ବିନ୍ଧିବା ହେଉଛି ମଧ୍ୟମ କାନ ବା ମିଡିଲ ଇୟର ସଂକ୍ରମଣର ଲକ୍ଷଣ । ମନଇଚ୍ଛା ଇୟର ଡ୍ରପ ପକାନ୍ତୁ ନାହିଁ । କୌଣସି ପରିସ୍ଥିତିରେ ମଧ୍ୟ କାନ ଭିତରକୁ ଅପରିଷ୍କାର କାଠି ବା ପଦାର୍ଥ ଦ୍ୱାରା ପୁରାଇ ପରିଷ୍କାର କରନ୍ତୁ ନାହିଁ । ସର୍ବପ୍ରଥମେ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ପ୍ରାୟତଃ ଶୀତ ଦିନରେ ଆପଣଙ୍କ ଶରୀର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା କାନର ଅନେକ ଛୋଟମୋଟ ସମସ୍ୟା ରହିଥାଏ । ଏହି ଋତୁରେ ପାଗ ପ୍ରାୟତଃ ଓଦାଳିଆ, କୋହଲା ଓ ବେଳେ ବେଳେ ଧୂଳିକଣା ଜନିତ ପରିବେଶ ରହୁଥିବାରୁ କାନର ବିଭିନ୍ନ ସମସ୍ୟା ଦେଖାଯାଇଥାଏ । କାନ ଭିତରକୁ ଥଣ୍ଡା ପବନ, କୁହୁଡ଼ି, ଧୂଳି ବା ବିଷାକ୍ତ ବାୟୁ କଣିକା ଯେପରି ପ୍ରବେଶ ନକରିବ ଏ ଦିଗକୁ ସତର୍କ ଭାବେ ଦୃଷ୍ଟି ଦିଅନ୍ତୁ । କାନର କୌଣସି ସମାନ୍ୟ ଯନ୍ତ୍ରଣା ପରବର୍ତ୍ତୀ ସମୟରେ ଏକ ବଡ଼ ସମସ୍ୟାର କାରଣ ପାଲଟିଥାଏ । ଶୀତ ଦିନରେ ନିଜକୁ ସର୍ବ ପ୍ରଥମେ ଥଣ୍ଡା ପରିବେଶ ଠାରୁ ଦୂରେଇ ରୁହନ୍ତୁ, ଥଣ୍ଡା ଖାଦ୍ୟ, ଫ୍ରିଜ ଖାଦ୍ୟ, ଥଣ୍ଡା ପାନୀୟ ପ୍ରତି ଆଗ୍ରହ ରଖନ୍ତୁ ନାହିଁ । ରାତିରେ ଶୋଇବା ବେଳେ କାନରେ ପତଳା ତୁଳାର ବର୍ଡ଼ ଦେଇ ଶୁଅନ୍ତୁ । କାନର କୌଣସି ସମସ୍ୟା ଉପୁଜିଲେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ବା ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନେବା ବାଞ୍ଛନୀୟ ।

ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ'
କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,
ଦୂରଭାଷ : ୯୪୩୮୨୭୬୭୬୦

# ଦେହ ଦେଉଳ ଓ ଆତ୍ମା ଦେବତା



ସୌର ଚନ୍ଦ୍ର ମହାପାତ୍ର

ମନ୍ଦିର ଖୁବ୍ ସୁନ୍ଦରଭାବରେ ସଜ୍ଜିତ । ଆକର୍ଷଣୀୟ ରଙ୍ଗରେ ରଙ୍ଗାୟିତ । ଲୋକମାନେ ଆକୃଷ୍ଟ ହେଉଛନ୍ତି । ଗହଳି ଲାଗୁଛି । ଏ ସବୁ ଠିକ୍ ଅଛି । ଯଦି ମନ୍ଦିର ଭିତରେ ଦିଅଁଙ୍କର ସେବାପୂଜା ହେଉନାହିଁ, ବିଗ୍ରହରେ ଅଳନ୍ଧୁ ଲାଗିଛି, ଭିତର ଅତି ଅପରିଷ୍କାର ହୋଇଛି, ତେବେ ଭକ୍ତ ଆଉ ଆସିବେନାହିଁ । ଏହାକୁ ମନ୍ଦିର ବୋଲି ବିଚାରିବେ ନାହିଁ । କ୍ରମଶଃ ଦୂରେଇଯିବେ । ସେମାନଙ୍କର ଭକ୍ତିଭାବନାରେ ବିତସ୍ପୃହତା ଆସିବ । ଥରେ ବିଚାର କଲ, ଦିଅଁଙ୍କ ପାଇଁ ମନ୍ଦିର ପ୍ରତିଷ୍ଠିତ ନା ମନ୍ଦିର ପାଇଁ ଦିଅଁଙ୍କ ପ୍ରତିଷ୍ଠା ! ପ୍ରଥମେ ଦିଅଁଙ୍କର ପରିକଳ୍ପନା କରାଯାଏ ପରେ ମନ୍ଦିରର ଯୋଜନା । କିନ୍ତୁ ଆମେ ମନ୍ଦିର ସଜାଇବାରେ ଲାଗିଲୁ । ଦିଅଁ ଅବ୍ୟବସ୍ଥିତ ହୋଇ ପଡିରହିଲେ । ଲାଭ କ'ଣ ହେଲା ! ଦିଅଁ ଅପୂଜା ରହିଲେ ମନ୍ଦିର ପବିତ୍ର ପୀଠ ହୁଏନା; ହୁଏ ସାଧାରଣ କୋଠରୀଟିଏ । ସେହିପରି ଆମ ଦେହ ଦେଉଳ । ଆତ୍ମା ଏଥିରେ ଦେବତା । ଦେହକୁ ସଜେଇବାରେ ଆମେ ଯେତେ ଯତ୍ନଶୀଳ, ଦେହୀ କଥା କେବେ ଚିସୌର ଚନ୍ଦ୍ର ମହାପାତ୍ରନ୍ତାକରିଛୁ ! ଭାଗବତରେ କୁହାଯାଇଛି– 'ଧନ୍ୟ ତା' ଜୀବନ ଜଗତେ । ଯେ ପ୍ରାଣ ଧରେ ପ୍ରାଣୀହିତେ ।। ଆତ୍ମାର ହିତ ନିତ୍ୟେ କର । ହସି କହନ୍ତି ଚକ୍ରଧର ।।' ଏଇ କଥାକୁ ଲକ୍ଷ୍ୟକରି ଆମେ ଆତ୍ମା କହିଲେ ଅନ୍ୟର ସେବାକୁ ବୁଝୁ । ଅନ୍ୟର ଉପକାର କଥା ଚିନ୍ତାକରୁ । ଏହା ତ ଠିକ୍ । ତଥାପି ଏହାର ଗୁହ୍ୟ ଅର୍ଥଟି ହେଉଛି– ଆତ୍ମକଲ୍ୟାଣ କରିବା । ଶରୀର ଭିତରେ ଶରିରୀଙ୍କୁ ଚିହ୍ନିବା । ଦେହ ମନ୍ଦିରକୁ ସଜାଉଛେ ହେଲେ ଦେହୀଙ୍କ କଥା ବିଚାରକୁ ନନେବା ଖୁବ୍ ଅନ୍ୟାୟ । ମନୁଷ୍ୟ ଜନ୍ମ ପାଇ ମନୁଷ୍ୟତ୍ୱ ହରାଇବା ଠାରୁ ଦୁର୍ଭାଗ୍ୟ କ'ଣ ଥାଇପାରେ !!! ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି ପର ଉପକାର ପାଇଁ ସର୍ବଦା ନିଜକୁ ଉତ୍ସର୍ଗୀକୃତ କରିବା କଥା ଏବଂ ଜୀବନର ଶ୍ରେଷ୍ଠତା ହେଉଛି ପରୋପକାର ଓ ନିଃସ୍ୱାର୍ଥପର ସେବା ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ – ୧୦୮୭/ଡ଼ି,
ସେକ୍ଟର–୬, କଟକ ।

# 'ଧାରା ୩୭୦'



କାଳି ଦାସ

ଧାରା ୩୭୦ ଭାରତର ଇତିହାସ ରେ ଗୋଟିଏ ପ୍ରଶ୍ନବାଚୀ । ଧାରା ୩୭୦ କେବଳ ଜାମ୍ମୁ କଶ୍ମୀର ପାଇଁ ପ୍ରୟୋଗ କରାଯାଇଥିଲା କାହିଁକି ? । ଏହା ତତ୍କାଳୀନ ଭାରତ ର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଓ ତାଙ୍କ ମନ୍ତ୍ରୀ ମଣ୍ଡଳ ଦ୍ୱାରା ସ୍ଥିର କରାଯାଇଥିଲା ।ଏବଂ ଧାରା ୩୭୦ କୁ ୬ ଅଗଷ୍ଟ ୨୦୧୯ ତାରିଖ ରେ ଭାରତ ର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଚ୍ଛେଦ କରାଗଲା । ବିଜେପି ସରକାର ଙ୍କ ଅନେକ ବିରୋଧୀ ରାଜନେତା ଧାରା ୩୭୦ କୁ ଉଚ୍ଛେଦ କରିବାକୁ ନେଇ କେନ୍ଦ୍ର ସରକାରଙ୍କୁ ନିନ୍ଦା କରିଥିଲେ ଏବଂ ଅନେକ ରାଜନେତା ସରକାରଙ୍କ ଏହି ଦୃଢ ପଦକ୍ଷେପ କୁ ମଧ୍ୟ ସ୍ୱାଗତ କରିଥିଲେ ।

ଜାମ୍ମୁ ଓ କାଶ୍ମୀର ପ୍ରଦେଶ ଟି ତିନୋଟି ଭାଗ ରେ ବିଭକ୍ତ । ଜାମ୍ମୁ , କାଶ୍ମୀର ଏବଂ ଲଦାଖ । ଏହି ତିନୋଟି ସ୍ଥାନ ରେ ହିନ୍ଦୁ , ମୁସଲମାନ ଓ ବୁଦ୍ଧ ଧର୍ମ ର ଲୋକ ମାନେ ବସବାସ କରନ୍ତି । ଜାମ୍ମୁ ମୁଖ୍ୟତଃ ହିନ୍ଦୁ ବହୁଳ ସ୍ଥାନ । କାଶ୍ମୀର ମୁସଲମାନ ବହୁଳ ସ୍ଥାନ ଓ ଲଦାଖ ରେ ବୁଦ୍ଧ ଧର୍ମ ର ଲୋକ ରହିଥାନ୍ତି ।

ଜାମ୍ମୁ କାଶ୍ମୀର କୁ ଯଦି ଓ ଭୂସ୍ୱର୍ଗ ବୋଲି କୁହାଯାଏ ଭାରତ ପାଇଁ ଜମ୍ମୁ ଓ କାଶ୍ମୀର ସବୁ ବେଳେ ଏକ ସମସ୍ୟା ହୋଇ ଠିଆ ହୋଇଛି । ଧାରା ୩୭୦ ର ଉଚ୍ଛେଦ କୁ ଜାମ୍ମୁ ଏବଂ ଲଦାଖ ର ସାଧାରଣ ଲୋକଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା କିନ୍ତୁ କାଶ୍ମୀର ରେ ଅନେକ ରାଜନେତା ଏହା କୁ ବିରୋଧ କରିଥିଲେ । ଧାରା ୩୭୦ ଉଚ୍ଛେଦ ପୂର୍ବ ରୁ କେନ୍ଦ୍ର ସରକାର କାହିଁକି ବିରୋଧୀଙ୍କ ମତାମତ ନେଲେ ନାହିଁ ସେଥିପାଇଁ ପ୍ରଶ୍ନ କରିଥିଲେ । ଧାରା ୩୭୦ କଣ ?ଧାରା ୩୭୦ ଉଚ୍ଛେଦ ପରେ ଜାମ୍ମୁ କାଶ୍ମୀର ତାର ସ୍ୱତନ୍ତ୍ର ରାଜ୍ୟ ର ପାହିୟା ହରାଇଛି ଏବଂ ସିଏ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ର ମାନ୍ୟତା ପାଇଛି । ଧାରା ୩୭୦ ଅନୁଯାଇ ଜାମ୍ମୁ କାଶ୍ମୀର ରେ ବସବାସ କରୁଥିବା ଲୋକମାନଙ୍କୁ ଦୁଇଟି ନାଗରିକତା ମିଳୁଥିଲା । ଗୋଟିଏ ହେଲା ଜାମ୍ମୁ ଓ କାଶ୍ମୀରର ଅନ୍ୟ ଟି ହେଲା ଭାରତ ର । ଉଚ୍ଛେଦ ପରେ ସେମାନଙ୍କୁ ଅନ୍ୟ ରାଜ୍ୟ ର ବାସିନ୍ଦାଙ୍କ ପରି ଗୋଟିଏ ନାଗରିକତା ମିଳିବ । ଧାରା ୩୭୦ ଉଚ୍ଛେଦ ପରେ ଜାମ୍ମୁ ଓ କାଶ୍ମୀର ର ଆଇନ ଶୃଙ୍ଖଳା କେନ୍ଦ୍ର ସରକାରଙ୍କ ହାଥ ରେ ରହିଛି । ଧାରା ୩୭୦ ଉଚ୍ଛେଦ ପୂର୍ବ ରୁ କାଶ୍ମୀର ର ସ୍ୱତନ୍ତ୍ର ପତାକା ଥିଲା କିନ୍ତୁ ଏବେ କେବେଳ ତିରଙ୍ଗା ପତାକା ହିଁ ଲାଗିବ । ଧାରା ୩୭୦ ଉଚ୍ଛେଦ ପୂର୍ବ ରୁ ରାଜ୍ୟପାଳ ଶାସନ ବ୍ୟବସ୍ଥା ଚାଲିଥିଲା କିନ୍ତୁ ବର୍ତ୍ତମାନ ରାଷ୍ଟ୍ରପତି ଶାସନ ଚାଲିଛି । ଧାରା ୩୭୦ ଉଚ୍ଛେଦ ପୂର୍ବ ରୁ ଅଳ୍ପ ସଂଖ୍ୟକଙ୍କୁ ସଂରକ୍ଷଣ ମିଳୁନଥିଲା କିନ୍ତୁ ଧାରା ୩୭୦ ଉଚ୍ଛେଦ ପରେ ଅଳ୍ପ ସଂଖ୍ୟକଙ୍କୁ ସଂରକ୍ଷଣ ମିଳିବ । ଧାରା ୩୭୦ ଉଚ୍ଛେଦ ପୂର୍ବ ରୁ ବିଧାନସଭା କାର୍ଯ୍ୟକାଳିନ ୬ ବର୍ଷ ଥିଲା କିନ୍ତୁ ବର୍ତ୍ତମାନ ବିଧାନସଭା କାର୍ଯ୍ୟକାଳିନ ଅନ୍ୟ ରାଜ୍ୟ ପରି ୫ ବର୍ଷ ରହିବ । ଧାରା ୩୭୦ ଉଚ୍ଛେଦ ପୂର୍ବ ରୁ ଅନ୍ୟ ରାଜ୍ୟ ର ଲୋକ ମାନେ ଜାମ୍ମୁ ଓ କାଶ୍ମୀର ରେ ସମ୍ପତି କିଣି ପାରୁନଥିଲେ କିନ୍ତୁ ଧାରା ୩୭୦ ଉଚ୍ଛେଦ ପରେ ଅନ୍ୟ ରାଜ୍ୟ ର ଲୋକ ମାନେ ସମ୍ପତି କିଣି ପାରିବେ । ଧାରା ୩୭୦ ଉଚ୍ଛେଦ ପୂର୍ବ ରୁ ଆରପିସି ଲାଗୁହୋଇଥିଲା କିନ୍ତୁ ଧାରା ୩୭୦ ଉଚ୍ଛେଦ ପରେ ଭାରତୀୟ ସମ୍ବିଧାନ ର ଆଇପିସି ଧାରା ଲାଗୁ ହେବେ । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଭାରତ ର ରାଜନେତା ମାନେ ଜାମ୍ମୁ କାଶ୍ମୀର ପାଇଁ ଧାରା ୩୭୦ କାହିଁକି ଲାଗୁ କରିଥିଲେ । ଭାରତ ଯେତେବେଳେ ସ୍ୱାଧୀନତା ପାଇଥିଲା ସେତେବେଳେ ରାଜଗାଦି କୁ ଉଚ୍ଛେଦ କରାଗଲା । ସରଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱ ରେ ୫୬୨ ରାଜଗାଦି କୁ ଉଚ୍ଛେଦ କରାଗଲା କିନ୍ତୁ ହାଇଦ୍ରାବାଦ , ଜୁନାଗଡ ଓ କାଶ୍ମୀର ଭାରତ ର ଅଙ୍ଗ ହେବା ପାଇଁ ସ୍ୱୀକୃତି ଦେଲେ ନାହିଁ ।ପରିବର୍ତ୍ତୀ କାଳ ରେ ଜୁନାଗଡ ର ଶାସକ ପାକିସ୍ଥାନ ସହିତ ମିଶିବାକୁ ଚେଷ୍ଟା କରିଥିଲେ କିନ୍ତୁ ବଲ୍ଲଭଭାଇ ପଟେଲ ଭାରତୀୟ ସେନାବାହିନୀ କୁ ଜୁନାଗଡ କୁ ପଠେଇଥିଲେ ଜୁନାଗଡ ର ଶାସକ ଏହା ପରେ ଜୁନାଗଡ କୁ ଭାରତ ରେ ମିଶେଇବାକୁ ରାଜିହୋଇଥିଲେ । ସେହିପରି ହାଇଦ୍ରାବାଦ ର ଶାସକ ମଧ୍ୟ ହାଇଦ୍ରାବାଦ କୁ ଭାରତରେ ମିଶାଇବା ପାଇଁ ଚାହିଁନଥିଲେ କିନ୍ତୁ ପରବର୍ତ୍ତିକାଳ ରେ ହାଇଦ୍ରାବାଦ ର ନିଜାମ ହାଇଦ୍ରାବାଦ କୁ ଭାରତ ରେ ମିଶେଇଥିଲେ । ଜାମ୍ମୁ କାଶ୍ମୀର ର ରାଜା ହରିଶ ସିଂ ଜାମ୍ମୁ କାଶ୍ମୀର କୁ ସ୍ୱତନ୍ତ୍ର ରାଜ୍ୟ ଭାବରେ ପ୍ରତିଷ୍ଠା କରିବା କୁ ଚାହିଁଥିଲେ । ତତ୍କାଳୀନ ଭାରତ ସରକାର ଏଥିରେ ବାଧା ସୃଷ୍ଟି କରିନଥିଲେ । ୧୨ ସେପ୍ଟେମ୍ବର ୧୯୪୭ ରେ ପାକିସ୍ଥାନ ର ପସ୍ତୁନ ଆଦିବାସୀ ସେନା ଜାମ୍ମୁ କାଶ୍ମୀର ର ଶ୍ରୀନଗର କୁ ଅକ୍ତିଆର କରିବା ପାଇଁ ଆଗକୁ ବଢିଥିଲେ । କାଶ୍ମୀର ର ଶାସକ ରାଜା ହରିଶ ସିଂ କାଶ୍ମୀର କୁ ବଞ୍ଚାଇବା ପାଇଁ ପଣ୍ଡିତ ଜବାହାରଲାଲ ନେହେରୁଙ୍କୁ ଅନୁରୋଧ କରିଥିଲେ । ନେହେରୁ କେବଳ ଏହି ସର୍ତ୍ତ ରେ ରାଜି ହୋଇଥିଲେ ଯେ ଜାମ୍ମୁ କାଶ୍ମୀର ଏହା ପରେ ଭାରତ ରେ ମିଶିଯିବ । ବ୍ରିଗେଡିଆର ରାଜେନ୍ଦ୍ର ସିଂ କାଶ୍ମୀର କୁ ପସ୍ତୁନ ସେନା ହାତ ରୁ ରକ୍ଷା କରିବା କୁ ଯାଇ ଶହୀଦ ହୋଇଥିଲେ । ପରବର୍ତ୍ତୀ କାଳ ରେ ପାକିସ୍ଥାନ ର ଚକ୍ରାନ୍ତ ରୁ କାଶ୍ମୀର କୁ ମୁକ୍ତ କରିବା ପାଇଁ ଧାରା ୩୭୦ ଲଗାଯାଇଥିଲା । ତା ସହିତ ପ୍ଲେବିସାଇଟ ର ବ୍ୟବସ୍ଥା ମଧ୍ୟ ରଖାଯାଇଥିଲା । ଯେହେତୁ କାଶ୍ମୀର ଗୋଟିଏ ମୁସଲ୍ଲମାନ ଜାଗା ପାକିସ୍ଥାନ ଅହରହ ସେଠାରେ ଅଶାନ୍ତି କରିଛି ଏବଂ କରିଆସୁଛି । ପଣ୍ଡିତ ଜବାହାର ଲାଲ ନେହେରୁ ଏବଂ ସେହିସମୟ ର ରାଜନେତା ମାନେ ବିଶ୍ୱ ର ସଙ୍କଟ ଓ ତା ସହିତ ନୂଆ ନୂଆ ସ୍ୱାଧୀନତା ପାଇଥିବା ଭାରତ ର ସ୍ଥିତି କୁ ଆଖି ଆଗରେ ରଖି ଏହି ପଦକ୍ଷେପ ନେଇଥିଲେ । ପାକିସ୍ଥାନ ର ଦୃଷ୍ଟି ସବୁବେଳେ କାଶ୍ମୀର ଉପରେ ରହିଛି । ବିଶ୍ୱ ଆଗରେ ଭାରତ କୁ ବଦନାମ କରିବାପାଇଁ ସିଏ କେବେହେଲେ ପଛଘୁଞ୍ଚା ଦେଇନାହିଁ । ନିକଟ ରେ ଦେଶ ର ଗୃହମନ୍ତ୍ରୀ ଆମିତ ସାହା ଜାମ୍ମୁ କାଶ୍ମୀର ବିଷୟ କୁ ୟୁଏନଓ ରେ ପହଞ୍ଚାଇଥିବା ରୁ ନେହେରୁଙ୍କୁ ନିନ୍ଦା କରିଥିଲେ । କିନ୍ତୁ ସବୁବେଳେ ସମୟ ବଦଳୁଛି, ନେହେରୁଙ୍କ ଦେଶଭକ୍ତି ଉପରେ ସନ୍ଦେହ କରାଯାଇପାରିବ ନାହିଁ । ଧାରା ୩୭୦ କୁ ଉଚ୍ଛେଦ କଲା ପରେ ପାକିସ୍ଥାନ ଜାମ୍ମୁ କାଶ୍ମୀର ରେ ମାନବ ଅଧିକାର କୁ ଉଲଂଘନ କରାଯାଉଛି ବୋଲି ବିଶ୍ୱ ଆଗରେ ଦେଖେଇବା କୁ ଯାଉଥିଲା ସେତେବେଳେ କେନ୍ଦ୍ର ସରକାର ବିଦେଶୀ ଡେଲିଗେଟ ମାନଙ୍କୁ ନିମନ୍ତ୍ରଣ କରି ଜାମ୍ମୁ ଓ କାଶ୍ମୀର ର ଅବସ୍ଥା ଉପରେ ଧାରଣା ଦେଇଥିଲେ ।

ଆତଙ୍କବାଦ ର ଶିକାର କାଶ୍ମୀର ଆଜି ଯାଏଁ ହେଉଛି । ବିଗତ ଦିନ ଜାମ୍ମୁ କାଶ୍ମୀର ର ଧାରା ୩୭୦ ଉଚ୍ଛେଦ ଉପରେ ସୁପ୍ରିମ କୋର୍ଟ ର ରାୟ ଆସିଲା ତାହା ନିଶ୍ଚିତ ଭାବରେ ଭାରତ ପାଇଁ ଏକ ଆଶ୍ୱସ୍ତି । ବେଳେ ବେଳେ ଆମ ଦେଶ ର ରାଜନେତାଙ୍କୁ ଆନ୍ତର୍ଜାତୀୟ ସମସ୍ୟା ଓ ସମାଧାନ କୁ ଆଖି ରେ ରଖି କାର୍ଯ୍ୟାନୁଷ୍ଠାନ ନେବା କୁ ପଡିଥାଏ ଦେଶ ପାଇଁ ଦେଶ ର ଉନ୍ନତି ପାଇଁ ଓ ସୁରକ୍ଷା ପାଇଁ ଯାହା ଦରକାର ସେହି ପଦକ୍ଷେପ ନେବା କୁ ପଡିବ ଏବଂ ତାହାକୁ ଆମେ ନିଶ୍ଚିତ ଭାବରେ ସ୍ୱାଗତ କରିବା ।

ବ୍ରହ୍ମପୁର,
ଖୋଡାସିଙ୍ଗ କଳିଙ୍ଗନଗର ,
ଫୋନ – ୭୨୦୫୧୦୦୮୩୯

# ଓଲଫ୍ୟାକ୍ଟ୍ରି ରେଫରେନ୍ସ ସିଣ୍ଡ୍ରୋମ



ଡାକ୍ତର ସମ୍ରାଟ କର

ସେଦିନ ଶୀତୁଆ ସକାଳୁ ବନ୍ଧୁ ରଜନୀସ ମୋ ଘରେ ପହଞ୍ଚିଗଲା । ଚା ଗୋଟିଏ କପ ପିଉଥିବାବେଳେ ସେ ମୋତେ କହିଲା ତାର ଜଣେ ସମ୍ପର୍କୀୟଙ୍କ ଏକ ସମସ୍ୟା କଥା ପାଇଁ ସେ ଆସିଛି । ତା ମାମୁଁ ପୁଅ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟରତ ଅଛନ୍ତି । ସେ କିନ୍ତୁ ଦେଖିବାକୁ ଜଣେ ବେଶ ସ୍ୱାସ୍ଥ୍ୟ ସୁନ୍ଦର କିନ୍ତୁ ତାଙ୍କୁ ଲାଗେ ଯେପରି ତାଙ୍କ ଦେହରୁ କୌଣସି ଦୁର୍ଗନ୍ଧ ବାହାରୁଛି, ବାସ୍ତବରେ କିନ୍ତୁ ସେ ଝାଳୁଆ ମଧ୍ୟ ଆଦୌ ବି ଲାଗନ୍ତି ନାହିଁ । ତେବେ ଏହାକୁ ନେଇ ସେ ବେଳେବେଳ ଚିଡ଼ଚିଡ଼ ହୋଇଯାଆନ୍ତି ଅନ୍ୟ ମାନଙ୍କ ଉପରେ । ମୁଁ ତାଙ୍କୁ କହିଲି ଏହା ସାଧାରଣ କଥା । ଆମ ଦେହରୁ ସ୍ୱେଦବିନ୍ଦୁ ବା ଝାଳ ବାହାରିବା ସ୍ୱଭାବିକ । ଅଧିକ ପରିଶ୍ରମ କଲେ ଝାଳ ବାହାରିଥାଏ । ତେବେ ଏହାର ଦୁର୍ଗନ୍ଧ ଯୋଗୁ ଆମେ ବିଭିନ୍ନ ପ୍ରକାର ଫରଫ୍ୟୁମ୍ ଏବଂ ସୁଗନ୍ଧି ବ୍ୟବହାର କରିଥାଉ । କେହି କେହି ସୁଗନ୍ଧି ଦ୍ରବ୍ୟ ସବୁବେଳେ ବ୍ୟବହାର କରୁଥିବା ବେଳେ ଆଉ କେହି ଆଦୌ ବ୍ୟବହାର କରିନଥାନ୍ତି । କାରଣ ଆମ ଶରୀରରୁ ସବୁବେଳେ ଅସ୍ୱାଭାବିକ ଗନ୍ଧ ବାହାରେ ନାହିଁ ଯେଉଁଥିପାଇଁ ଆମେ ଫରଫ୍ୟୁମ୍ କିମ୍ବା ସୁଗନ୍ଧି ସବୁବେଳେ ବ୍ୟବହାର କରିବା । ତଥାପି ସବୁବେଳେ ପରଫ୍ୟୁମ୍ ବ୍ୟବହାର କିଛି ଲୋକଙ୍କର ଅଭ୍ୟାସ ଥାଏ । ତେବେ ଆମ ଭିତରୁ କିଛି ଲୋକ ଥାଆନ୍ତି ଯେଉଁମାନଙ୍କର ମନେ ହୋଇଥାଏ ସେମାନଙ୍କ ଶରୀରରୁ ସବୁବେଳେ ଦୁର୍ଗନ୍ଧ ବାହାରୁଛି । ବାସ୍ତବରେ ଯଦିଓ ଏପରି ହୋଇନଥାଏ । ଏହି ଲୋକମାନେ ଏକ ପ୍ରକାର ମାନସିକ ରୋଗ ଭୋଗୁଥାନ୍ତି । ଏହି ମାନସିକ ରୋଗକୁ କୁହାଯାଇଥାଏ ଓଲଫ୍ୟାକ୍ଟ୍ରି ରେଫରେନ୍ସ ସିଣ୍ଡ୍ରୋମ । ଏହି ସମସ୍ୟାରେ ପୀଡ଼ିତ ବ୍ୟକ୍ତି ସବୁବେଳେ ଭାବିଥାଏ ତାର ଶରୀରରୁ ଏକ ପ୍ରକାର ଅସ୍ୱାଭାବିକ ଗନ୍ଧ ବାହାରୁଛି । ଯେଉଁଥିପାଇଁ ବ୍ୟକ୍ତିଜଣକ ଅନ୍ୟ ମାନଙ୍କ ସହିତ ମିଶିପାରେ ନାହିଁ ଏବଂ ସର୍ବସାଧାରଣ ସ୍ଥାନକୁ ମଧ୍ୟ ଯାଇପାରେ ନାହିଁ । ଓଲଫ୍ୟାକ୍ଟ୍ରି ରେଫରେନ୍ସ ସିଣ୍ଡ୍ରୋମ ବଡ଼ି ଡିସମୋର୍ଫିକ ରୋଗ ସହିତ ସମାନ । ଶରୀରରୁ ଦୁର୍ଗନ୍ଧ ବାହାରୁଥିବା ଚିନ୍ତାରେ ପୀଡ଼ିତ ବ୍ୟକ୍ତି କିଛି କିଛି କାମ ବାରମ୍ବାର କରିଥାନ୍ତି । ଯେମିତି ଅତ୍ୟଧିକ ସ୍ନାନ କରିବା, ଦାନ୍ତକୁ ବାରମ୍ବାର ବ୍ରଶ କରିବା, ଶରୀରକୁ ବାରମ୍ବାର ଶୁଙ୍ଘିବା । ଏହି ଲୋକମାନେ ସେମାନଙ୍କ ଶରୀରର ଦୁର୍ଗନ୍ଧକୁ ଅନ୍ୟଙ୍କ ଠାରୁ ଲୁଚାଇବାକୁ ଚେଷ୍ଟା କରନ୍ତି । ଯେଉଁଥିପାଇଁ ଅତ୍ୟଧିକ ଇତର, ଡିଓଡ୍ରାଣ୍ଟ ଏବଂ ମାଉଥୱାଶ ବ୍ୟବହାର କରନ୍ତି । ସେମାନେ ଏହା ମଧ୍ୟ ବିଶ୍ୱାସ କରନ୍ତି ଯେ ତାଙ୍କ ଶରୀରର ଦୁର୍ଗନ୍ଧ କାରଣରୁ ଲୋକମାନେ ତାଙ୍କ ଠାରୁ ଦୂରେଇ ବସୁଛନ୍ତି କିମ୍ବା ତାଙ୍କୁ ନକାରାତ୍ମକ ଦୃଷ୍ଟିରେ ଦେଖୁଥାନ୍ତି । କିନ୍ତୁ ଏସବୁ ସେମାନଙ୍କର ଏକ ଭ୍ରମ ହୋଇଥାଏ । ଏହି ରୋଗରେ ପୀଡ଼ିତ ବ୍ୟକ୍ତି ଡିପ୍ରେସନ ଏବଂ ଆଂଜାଇଟିର ମଧ୍ୟ ଶିକାର ହୁଅନ୍ତି । ଏହି ରୋଗ ଥେରାପି ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଦ୍ୱାରା ଭଲ କରାଯାଇପାରିବ । ଏହି ରୋଗକୁ ନେଇ ସେପରି ମାନସିକ ଭାବେ ବ୍ୟତିବ୍ୟସ୍ତ ହୁଅନ୍ତୁ ନାହିଁ । ଏହା ପାଇଁ କେବଳ ଏକ ଭଲ ରୁଟିନ ବନ୍ଧା ଜୀବନ ଓ ମାନସିକତାକୁ ବଦଳାଇବା ପାଇଁ ପଡ଼ିବ । ଏହା କୌଣସି ରୋଗ ନୁହେଁ କି ମାନସିକ ସମସ୍ୟା ବି ନୁହେଁ ଏହାକୁ ପୀଡ଼ିତ ଜଣକୁ ବୁଝାଇବା କଥା । ସେହିପରି ଏହାର ଶିକାର ହୋଇଥିବା ଲୋକଟିର କୌଣସି ଆତ୍ମୀୟ ବା ବନ୍ଧୁବର୍ଗ ତାଙ୍କୁ ଚିଡ଼େଇବା ବା ଅନ୍ୟ ମାନଙ୍କୁ ସୂଚୀତ କରିବା ଗୁଣ ରଖନ୍ତୁ ନାହିଁ । କାରଣ ଏହା ତାଙ୍କ ପାଇଁ ବିରକ୍ତିକର ହୋଇପାରେ । ମାନସିକ ବିଶେଷଜ୍ଞଙ୍କ ପରାମର୍ଶ ମଧ୍ୟ ନେଇପାରିବେ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ନାରୀ; ବୈଦିକ ଯୁଗରୁ ଆଧୁନିକ ଯୁଗ



ଭାସ୍କର ବାରିକ୍

ନାରୀ ବନ୍ଦନୀୟା , ପୂଜନୀୟା ଭାରତ ବର୍ଷର ଇତିହାସରେ , ଆମ ପୂରାଣ ପୋଥିରେ ।ଯେଉଁଠି ନାରୀକୁ ମର୍ଯ୍ୟାଦା,ସୁରକ୍ଷା ଓ ସମ୍ମାନ ଦିଆଯାଏ, ଈଶ୍ୱର ସେଇଠି ଅବସ୍ଥାନ କରନ୍ତି ବୋଲି ଆମ ସଂସ୍କୃତି ଓ ଧର୍ମଗ୍ରନ୍ଥ ଆମକୁ ଶିକ୍ଷା ଦିଏ ।ନାରୀ ଶକ୍ତି ଏକ ପ୍ରଚଣ୍ଡ ଶକ୍ତି । ନାରୀ ହସିଲେ, ତା ହସରେ ହସିଉଠେ ପୁରା ପରିବାର । ନାରୀ କାନ୍ଦିଲେ, ତା ଆଖିରୁ ଲୁହ ଝରିଲେ, ଅଶାନ୍ତି ଓ ଦୂର୍ଭାଗ୍ୟ ଆସିବା ଅନିର୍ବାର୍ଯ୍ୟ ।ବୈଦିକ ଯୁଗରେ ନାରୀର ନାରାୟଣୀର ମର୍ଯ୍ୟାଦା ଥିଲା । ସବୁ ଦୃଷ୍ଟିରୁ ଥିଲା ସ୍ୱାଧୀନତା । ଶିକ୍ଷା, ସାମାଜିକ, ଅର୍ଥନୈତିକ, ପାରିବାରିକ, ଧାର୍ମିକ, ସବୁ କ୍ଷେତ୍ରରେ ନାରୀର ଥିଲା ଅଗ୍ରାଧିକାର । ପୁରୁଷ ନାରୀ ଭିତରେ ଫରକ ନଥିଲା । ନାରୀ ବିଭିନ୍ନ ସଭା ସମିତି ରେ ଆଲୋଚନା ପର୍ଯ୍ୟାଲୋଚନାରେ ମୁକ୍ତ ଭାବରେ ଅଂଶ ଗ୍ରହଣ କରିବାର ପର୍ଯ୍ୟାପ୍ତ ସୁଯୋଗ ଥିଲା । ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ଭାଗ ନେବାରେ ନଥିଲା ବାରଣ । ନିଜ ଇଚ୍ଛାରେ ନିଜର ପତି ଚୟନ କରିବାର ସୁଯୋଗ ଥିଲା । ଲୋପାମୁଦ୍ରା, ଗାର୍ଗୀ,ଉପାଲା, ମୈତ୍ରେୟୀ ବୈଦିକ ଯୁଗରେ ଜଣେ ଜଣେ ପ୍ରତିଷ୍ଠିତ ଜଣାଶୁଣା ଦାର୍ଶନିକ ଓ ବିଦ୍ୱାନ ଯେଉଁ ମାନଙ୍କର ଦାନ ଓ ଅବଦାନ ଅତୁଳନୀୟ । ଏମାନଙ୍କର ମହନୀୟତା ବେଦ ଓ ପୁରାଣରେ ସମସ୍ତଙ୍କୁ ପୂଜନୀୟ କରି ରଖିଛି । ପୁରୁଷ ସହିତ କାନ୍ଧରେ କାନ୍ଧ ମିଶେଇ ଏମାନେ ବାଟ ଚାଲିଛନ୍ତି । ମୁକ୍ତ ବିହଙ୍ଗ ପରି, ବିନା କୌଣସି ବାଧାବିଘ୍ନରେ ପୁରୁଷ ମାନଙ୍କ ସହିତ ବେଦ, ବେଦାନ୍ତ ଓ ଶାସ୍ତ୍ର ଆଲୋଚନାରେ ଭାଗ ନେଇଛନ୍ତି । ଏ ପ୍ରଚଣ୍ଡ ଶକ୍ତି ଉପଯୁକ୍ତ ସମ୍ମାନ ପାଉଛି ବୈଦିକ ଯୁଗରେ । କିନ୍ତୁ ପରବର୍ତ୍ତୀ ସମୟରେ ଆସିଛି ପରିବର୍ତ୍ତନ ନାରୀ ଜୀବନରେ । ଘାଣ୍ଟି ହେଉଛି ନାନାଦି କୁସଂସ୍କାର ଓ ଅନ୍ଧବିଶ୍ୱାସର ଅନ୍ଧାର ଭିତରେ ।ଗୋଟିଏ ଧାଡ଼ିରେ କହିଲେ ବୈଦିକ ଯୁଗ ଥିଲା ନାରୀ ପାଇଁ ସୁବର୍ଣ୍ଣ ଯୁଗ । ବୈଦିକ ଯୁଗର ଶେଷ ଆଡ଼କୁ କିନ୍ତୁ ସମୟକ୍ରମେ ନାରୀର ସମ୍ମାନ, ସ୍ୱାଭିମାନ, ସୁରକ୍ଷା ଓ ପଦ ମର୍ଯ୍ୟାଦା ଉପରେ ଆରମ୍ଭ ହୋଇଛି କୁଠାରାଘାତ ।ନାରୀ ଧିରେ ଧିରେ ବନ୍ଦୀ ହୋଇଯାଇଛି ଘରର ଚାରି କାନ୍ଥ ଭିତରେ ।ପିଲା ଜନ୍ମ କରିବା, ତା'ର ଲାଳନପାଳନ କରିବା, ରୋଷେଇ କରି ପରିବାରର ସମସ୍ତଙ୍କୁ ଖାଇବାକୁ ଦେବା ଓ ଘରର ଯତ୍ନ ନେବା ଇତ୍ୟାଦିରେ । ଆରମ୍ଭ ହୋଇଛି ବହୁ ପତ୍ନୀ ଗ୍ରହଣ ବ୍ୟବସ୍ଥା । ନାରୀ ଆଖିର ସବୁ ସୁନେଲି ସ୍ୱପ୍ନ ବନ୍ଦୀ ହୋଇଯାଇଛି କାଳ କୋଠରୀର ଅନ୍ଧକାର ଭିତରେ । ଏ ଦୂରାବସ୍ଥାର କଳଙ୍କିତ ଅଧ୍ୟାୟ ତାପରେ ଲମ୍ବା ହୋଇ ଚାଲିଛି ଓ ଆହୁରି କରୁଣ ହୋଇଛି ମୋଗଲମାନଙ୍କ ଶାସନାଧୀନ ଅବସ୍ଥାରେ । ନାରୀକୁ ପଣ୍ୟଦ୍ରବ୍ୟ ଭଳି ବ୍ୟବହାର କରାଯାଇଛି ।ଆସିଛି ପରଦା ପ୍ରଥା ଭଳି ଘୃଣ୍ୟ ପ୍ରଥା ।ପୁଣି ଆସିଛି ସତୀଦାହ, ବାଲ୍ୟ ବିବାହ ଓ ଯଉହର ଭଳି ଅପସଂସ୍କୃତି । ପରଦା ପ୍ରଥାରେ ନାରୀକୁ ଲୋଭନୀୟ ପଣ୍ୟଦ୍ରବ୍ୟ ଭଳି ଢାଙ୍କି ଦିଆ ଯାଇଛି । ସତୀଦାହ ପ୍ରଥାରେ ସ୍ୱାମୀର ମୃତ୍ୟୁ ପରେ ବିଧବା ପତ୍ନୀକୁ ସ୍ୱାମୀର ଚିତା ନିଆଁରେ ଜଳିବାକୁ ବାଧ୍ୟ କରାଯାଇଛି । ବାଲ୍ୟ ବିବାହ ପ୍ରଥା ଅନୁସାରେ ଆଠରୁ ଦଶବର୍ଷର ଝିଅଙ୍କୁ ବିବାହ କରି ଦିଆଯାଇଛି ଜୀବନ ଓ ସଂସାର କ'ଣ ବୁଝିବା ପୂର୍ବରୁ । ସତୀଦାହ ପ୍ରଥା ଭଳି ଯଉହର ପ୍ରଥା ଥିଲା । ସତୀଦାହ ପ୍ରଥାରେ ଗୋଟିଏ ମୃତ ସ୍ୱାମୀର ସ୍ତ୍ରୀ ଆତ୍ମାହୁତି ଦେଲାବେଳେ, ଯଉହର ପ୍ରଥାରେ ରାଜପୁତ କମ୍ୟୁନିଟିରେ ଏକାଥରେ ଅନେକ ନାରୀ ଗୋଟିଏ ନିଆଁରେ ଆତ୍ମାହୁତି ଦେଉଥିଲେ । ଯେତେବେଳେ ରାଜ୍ୟ ରାଜ୍ୟ ଭିତରେ ଯୁଦ୍ଧ ଲାଗୁଥିଲା ଓ ରାଜପୁତ ରାଜା ହାରିବାର ସମ୍ଭାବନା ଦେଖା ଯାଉଥିଲା, ସେତେବେଳେ ନାରୀମାନେ ନିଜର ସମ୍ମାନ ଓ ସତୀତ୍ୱକୁ ବଂଚେଇବା ପାଇଁ ସମୁହ ଭାବରେ ଜଳନ୍ତା ଅଗ୍ନିରେ ଝାସଦେଇ ଆତ୍ମାହୁତି ଦେଉଥିଲେ କାରଣ ସେମାନେ ଭଲଭାବରେ ଜାଣିଥିଲେ ଯଦି ସେମାନଙ୍କର ଯୁଦ୍ଧରେ ପରାଜୟ ହୁଏ, ତାହେଲେ ଯୁଦ୍ଧ ଜିତିଥିବା ରାଜ୍ୟର ରାଜା ଓ ସୈନିକ ମାନଙ୍କ ଦ୍ୱାରା ଅକଥନୀୟ ଅତ୍ୟାଚାରର ଶିକାର ହେବେ । ହାରାମ୍ ରେ ଯୌନ କ୍ରୀତଦାସୀର ଜୀବନ ବିତାଇବାକୁ ହେବ ।ନାରୀର ଏମିତି ଅବସ୍ଥା ଦେଖି ମର୍ମାହତ ମ୍ରିୟମାଣ ବିଶ୍ୱକବି ରବିନ୍ଦ୍ରନାଥ ଟାଗୋର ଈଶ୍ୱରଙ୍କ ଉଦ୍ଦେଶ୍ୟରେ କହିଥିଲେ, 'Why Lord, haven't you given woman the power to choose her own destiny ? Why does she have to stand by the wayside, head down, waiting with worn patience, hoping for a miracle the next day ? ଇତିହାସର କାଳ କୋଠରୀରେ କେତେଯେ କଳଙ୍କିତ ଘଟଣା ଲୁଚି ରହିଛି, ତା'ର ହିସାବ ନାହିଁ । ପରବର୍ତ୍ତୀ ପର୍ଯ୍ୟାୟରେ ରାଜା ରାମମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର , ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଭଳି ଅନେକ ମହାନ ବ୍ୟକ୍ତି ଓ ସମାଜ ସଂସ୍କାରକ ଆଗେଇ ଆସିଛନ୍ତି ନାରୀର ଶିକ୍ଷା,ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ । ଏହି ସମସ୍ତ ସମାଜ ସଂସ୍କାରକ ମଧ୍ୟରେ ଜ୍ୟୋତିରାୟ ଗୋବିନ୍ଦ ରାୟ ଫୁଲେ ଝିଅ ମାନଙ୍କ ଶିକ୍ଷା ପାଇଁ ଭାରତରେ ପ୍ରଥମ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିବା ସହିତ ସମାଜର ଉଚ୍ଚ ଜାତିର ବିଧବା ମହିଳାଙ୍କ ରହିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ । ଏଥିସହିତ ଜନ୍ମଗ୍ରହଣ କରୁଥିବା ଝିଅ ଯେ ବୋଝ ନୁହେଁ, ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରି ଜନ୍ମିତ ଝିଅ ମାନଙ୍କୁ ମୃତ୍ୟୁରୁ ରକ୍ଷା କରିବାକୁ ଚେଷ୍ଟା କରିଛନ୍ତି । ଯେତେବେଳେ ମହାତ୍ମା ଗାନ୍ଧୀଙ୍କର ଭାରତର ରାଜନୈତିକ ଇତିହାସ ଆକାଶରେ ଆବିର୍ଭାବ ହେଲା, ନାରୀ ଜୀବନରେ ମୁକ୍ତିର ଆଶାର ଆଲୋକ ବର୍ତ୍ତିକା ଅଧିକ ଜଳି ଉଠିଲା । ପରଦା ପ୍ରଥାକୁ ଦୂରେଇ ଘରୁ ବାହାରକୁ ବାହାରିବାକୁ ସେ ନାରୀ ମାନଙ୍କୁ ଆହ୍ୱାନ ଦେଲେ । ସେ କହୁଥିଲେ ,' Women must be freed from the shackles of kitchen, captivity and join the fight for Independence.' ତାପରେ ଆସିଛି ଭକ୍ତି ମୁଭମେଣ୍ଟ । ଚୈତନ୍ୟ,ମୀରାବାଇ, କବୀର୍, ରାମଦାସ, ତୁଳସୀ ଦାସ ଓ ତୁକାରାମଙ୍କ ଭଳି ମହା ମାନବ ନାରୀ ମାନଙ୍କ ପାଇଁ ଖୋଲିଛନ୍ତି ଭକ୍ତି ମାର୍ଗ । ପବିତ୍ର ଧର୍ମ ଗ୍ରନ୍ଥ ପଢ଼ିବା ସହିତ ଶିକ୍ଷା ପାଇବାର କିଛିଟା ଅଧିକାର ପାଇଛନ୍ତି ନାରୀ ସମାଜ । ସ୍ୱାଧୀନତା ସଂଗ୍ରାମରେ ଝାନ୍ସିରାଣୀ ଲକ୍ଷ୍ମୀବାଇ,କସ୍ତୁରବା ଗାନ୍ଧୀ, କମଳା ନେହେରୁ,ବିଜୟ ଲକ୍ଷ୍ମୀ ପଣ୍ଡିତ,ସ୍ୱରୂପ ରାଣୀ, ସରୋଜିନୀ ନାଇଡୁ,ଏମିତି ଅନେକ ଜୀବନକୁ ବାଜି ଲଗେଇ ଘରୁ ବାହାରି ଆସି ଭାରତର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଛନ୍ତି । ସ୍ୱାଧୀନତା ପରେ ନାରୀ ଜୀବନରେ ଆସିଛି ଅନେକ ପରିବର୍ତ୍ତନ । ନାରୀ ଅଳଙ୍କୃତ କରିଛି ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରପତି ଓ ଅନେକ ଉଚ୍ଚପଦସ୍ଥ ପଦ ।ସମୟ ଥିଲା ସମାଜ ଥିଲା ପୁରୁଷ କୈନ୍ଦ୍ରିକ । ଏବେ କିନ୍ତୁ ସମୟ ଅନେକାଂଶରେ ବଦଳି ଯାଇଛି । ନାରୀର ଅସୁବିଧା ଓ ସ୍ୱାଧୀନତା ପାଇଁ ଗଠିତ ହୋଇଛି ବିଭିନ୍ନ ନାରୀ ସଂଘ ଓ କମିଶନ । ଆସିଛି ,'ଜନନୀ ସୁରକ୍ଷା' ଓ 'ବେଟି ବଚାଓ ବେଟି ପଢାଓ,' ଭଳି ଅନେକ ଯୋଜନା । ନାରୀ ହେଉଛି ଉଚ୍ଚ ଶିକ୍ଷିତା । ପାଣିରେ ଭାସୁଛି ମାଛ ପରି ପୁଣି ଆକାଶର ଉଡୁଛି ଡେଣା ଝାଡି ପକ୍ଷୀ ପରି ।ନାରୀ ସଶକ୍ତିକରଣ ଆଗେଇଛି ଓ ନାରୀ ପୁରୁଷ ଭିତରେ ଥିବା ତାରତମ୍ୟ ବହୁ ପରିମାଣରେ କମିଛି ।ତଥାପି ବେଳେ ବେଳେ ନାରୀ ଶିକାର ହେଉଛି ଧର୍ଷଣର, ଯୌତୁକ ନିର୍ଯ୍ୟାତନାର । ଏଥିପାଇଁ ଦାୟୀ କିଏ ? ନାରୀର ଖୁଲମଖୁଲା ବେପରୁଆ ମନୋଭାବ ନା ପୁରୁଷର ଅହମିକା ? ବିଚାର ଆପଣଙ୍କ ହାତରେ । ଶେଷରେ ଏତିକି କହିବି ଉଭୟ ନାରୀ ଓ ପୁରୁଷ ନିଜ ନିଜର ସମ୍ମାନ ଓ ମର୍ଯ୍ୟାଦାକୁ ଜଗି ପରସ୍ପରର ହାତଧରି ଆଗକୁ ଚାଲନ୍ତୁ ଓ ଯେଉଁ କାର୍ଯ୍ୟରେ ସମାଜର ମଙ୍ଗଳ ହେବ ସେଥିପାଇଁ ଧ୍ୟାନ ଦିଅନ୍ତୁ ।

*ଯୋଗାଣ ଅଧିକାରୀ*
*କପ୍ତିପଦା ବ୍ଲକ୍*
*ଦୂରଭାଷ ୯୪୩୭୩୨୦୩୫୦*




# କାର୍ଡଧାରୀମାନଙ୍କୁ ଗୁଗୁଲ୍ ପେ' ଜରିଆରେ ପେମେଂଟ୍ ସୁବିଧା ଦେବା ଲାଗି ଗୁଗୁଲ୍ ସହିତ ଏସ୍‌ବିଆଇ କାର୍ଡର ସହବନ୍ଧନ

ନୂଆ ଦିଲ୍ଲୀ/ ଭୁବନେଶ୍ୱର: ଭାରତର ସର୍ବବୃହତ ପ୍ୟୁର-ପ୍ଲେ କ୍ରେଡିଟ୍ କାର୍ଡ ଜାରି କରୁଥିବା ସଂସ୍ଥା ଏସ୍‌ବିଆଇ କାର୍ଡ ପକ୍ଷରୁ ଗୁଗୁଲ୍ ପେ ପ୍ଲାଟଫର୍ମରେ ଏସ୍‌ବିଆଇ କ୍ରେଡିଟ୍ କାର୍ଡକୁ ବ୍ୟବହାର କରିବା ସୁବିଧା କାର୍ଡଧାରୀମାନଙ୍କୁ ପ୍ରଦାନ କରିବା ଲାଗି ଗୁଗୁଲ୍ ସହିତ ସହବନ୍ଧନ ବିଷୟରେ ଘୋଷଣା କରାଯାଇଛି। ଏସ୍‌ବିଆଇ କ୍ରେଡିଟ୍ କାର୍ଡ ବ୍ୟବହାରକାରୀମାନେ ସେମାନଙ୍କ ଆଣ୍ଡ୍ରଏଡ୍ ଫୋନ୍‌ରେ ଗୁଗୁଲ୍ ପେ ଆପ୍‌କୁ ବ୍ୟବହାର କରି ପେମେଂଟ୍ କରିପାରିବେ। ଗୁଗୁଲ୍ ପେକୁ ତିନିଟି ମାଧ୍ୟମରେ ଯଥା ଏନ୍‌ଏଫ୍‌ସିର ପିଓଏସ୍ ଟର୍ମିନାଲ୍‌ରେ ଟ୍ୟାପ୍ ଆଣ୍ଡ୍ ପେ, ମର୍ଚାଂଟ୍ କିମ୍ବା ଅନଲାଇନ୍ ପେମେଂଟ୍ ବେଳେ ଭାରତ କ୍ୟୁଆର୍ କୋଡ୍ ସ୍କାନ୍ କରି ବିନା କ୍ରେଡିଟ୍ କାର୍ଡ ବ୍ୟବହାରରେ ସୁରକ୍ଷିତ ଓ ନିରାପଦ ଭାବେ ପେମେଂଟ୍ କରିପାରିବେ। ଏକ ସୁରକ୍ଷିତ ଓ ଉନ୍ନତ ଗ୍ରାହକ ଅନୁଭୂତି ପାଇଁ ଶୂନ ସ୍ପର୍ଶ ଭିତିକ ଡିଜିଟାଲ୍ ମାଧ୍ୟମର ପେମେଂଟର ପ୍ରସାର ପାଇଁ ଏସ୍‌ବିଆଇ କାର୍ଡ କରୁଥିବା ଉଦ୍ୟମ ଅନୁସାରେ ଏହି ସୁବିଧାର ଶୁଭାରମ୍ଭ କରାଯାଇଛି। ଏହି ଉଚ୍ଚ ସୁରକ୍ଷିତ ପେମେଂଟ୍ ଅନୁଭୂତିକୁ ଟୋକେନାଇଜେସନ୍ ଜରିଆରେ ସକ୍ରିୟ କରାଯାଇଛି ଯେଉଁଠାରେ କାର୍ଡଧାରୀ ସେମାନଙ୍କ ଫୋନ୍‌ରେ ସଲଗ୍ନ କରାଯାଇଥିବା ଏକ ଡିଜିଟାଲ୍ ଟୋକେନ୍ ଜରିଆରେ ମର୍ଚାଂଟ୍‌ଙ୍କୁ କାର୍ଡର କୌଣସି ସୂଚନା ପ୍ରଦାନ ନକରି ପେମେଂଟ୍ କରିପାରିବେ। ଗୁଗୁଲ୍ ପେ' ହେଉଛି ଏକ ବ୍ୟାପକ ଭାବେ ଗ୍ରହଣୀୟ ପେମେଂଟ୍ ଆପ୍ ଯାହାକୁ ଭାରତରେ ବ୍ୟାପକ ଭାବେ ଗ୍ରହଣ କରାଯାଉଛି ଏବଂ ମେଟ୍ରୋ ଏବଂ ଅଣ ମେଟ୍ରୋ ସହରଗୁଡ଼ିକରେ ଏହାର ଗଭୀର ସାନ୍ଦ୍ରତା ରହିଛି। ଏହି ସହବନ୍ଧନ ଦ୍ୱାରା ଏସ୍‌ବିଆଇ କାର୍ଡ ଏହାର କାର୍ଡଧାରୀମାନଙ୍କୁ ଗୁଗୁଲ୍ ପେ' ଜରିଆରେ ପେମେଂଟ୍ ସୁବିଧା ପ୍ରଦାନ କରିବା ଲାଗି ଓ ସେମାନଙ୍କୁ ମୋବାଇଲ୍ ଫୋନ୍‌ରେ ସୁରକ୍ଷିତ ପେମେଂଟ୍ କରିବାର ସୁବିଧା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ବର୍ତମାନ ଏହି ସୁବିଧା ଭିସା ପ୍ଲାଟଫର୍ମରେ ଥିବା ଏସ୍‌ବିଆଇ କାର୍ଡଧାରୀମାନଙ୍କ ପାଇଁ ଉପଲବ୍ଧ ରହିଛି।

# ଅମାନିଆଙ୍କୁ ସାବାଡ଼ କଲା ପ୍ରଶାସନ, ଚେକିଂ ସହିତ ଜରିମାନା ଆଦାୟ ଜୋରଦାର

ଝୁମ୍ପୁରା(ପିଏନ) :ଦ୍ରୁତ ଗତିରେ କରୋନା ସଂକ୍ରମଣ ବଢିବାରେ ଲାଗିଛି । ଲୋକମାନଙ୍କୁ ସରକାର ପକ୍ଷରୁ ସବୁ ପ୍ରକାର ସତର୍କତା ଓ ସଚେତନତା ସତ୍ୱେ ବି କିଛି ଅମାନିଆ କୋଭିଡ ନିୟମକୁ ମାନୁ ନାହାନ୍ତି । ଏଥିପାଇଁ ପ୍ରଶାସନ ପକ୍ଷରୁ କୋଭିଡ ନିୟମକୁ କଡାକଡି କରାଯିବା ସହ ଜୋରଦାର ଜରିମାନା ଆଦାୟ କରାଯାଉଛି । ମାସ୍କ ପରିଧାନ ସହିତ ସାମାଜିକ ଦୂରତା ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ହାଟ,ବଜାର ଗୁଡିକରେ ଥିବା ଦୋକାନ ରେ ସାମାଜିକ ଦୂରତା ରକ୍ଷା କରିବା ଏବଂ ମାସ୍କ ପରିଧାନ ଖିଲାପ କଲେ ଜରିମାନା ଆଦାୟ କରାଯାଉଛି । ରାସ୍ତା ଘାଟରେ ଜୋରଦାର ପୁଲିସ୍ ଚେକିଂ କରାଯାଇ କୋଭିଡ ନିୟମ ଖିଲାପକାରୀ ୨ଚକିଆ ୪ଚକିଆ ଗାଡିରୁ ମଧ୍ୟ ଜରିମାନା ଆଦାୟ



କରାଯାଉଛି । ତଥାପି କିଛି ଅମାନିଆ ଏହାକୁ ଖାତିର କରୁ ନଥିବାରୁ ଝୁମ୍ପୁରା ବ୍ଲକ, ତହସିଲ ଓ ପୁଲିସ ପକ୍ଷରୁ ମିଳିତ ଭାବେ ବୁଧବାର ଦିନ ଝୁମ୍ପୁରା ବଜାରରେ ବୁଲି ବୁଲି ଦୋକାନ ଓ ଜନଗହଳି ପୂର୍ଣ୍ଣ ସ୍ଥାନ ଗୁଡିକରେ ଚେକିଂ କରି କିଛି ଅମାନିଆଙ୍କୁ ସଚେତନ କରାଯିବା ସହିତ ଜରିମାନା ଆଦାୟ କରାଯାଇଛି । ମାସ୍କ ପିନ୍ଧି ନଥିବା,ନାକ ଓ ଓଠରେ ନ ପିନ୍ଧି ଓଠ ତଳେ ପିନ୍ଧିଥିବା ଅଥବା ସାମାଜିକ ଦୂରତା ଖିଲାପ କରୁଥିବାଅମାନିଆ ମାନଙ୍କ ହାତରେ "ମୁଁ ଏକ ଅମାନିଆ ଲୋକ ମୁଁ ସରକାରଙ୍କର ନିୟମ ନ ମାନି ବିନା ମାସ୍କ ରେ ଲୋକ ମାନଙ୍କ ସହ ମିଳାମିଶା କରୁଛି । ମୁଁ ନିଜେ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହେବି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏହି ଭୁତାଣୁର ସଂକ୍ରମିତ କରାଇବି'' ଲେଖାଥିବା ପ୍ଲାକାର୍ଡ ଧରାଇ ଥିଲେ । ୫୨ଜଣଙ୍କ ଠାରୁ ସମୁଦାୟ ୧୬ହଜାର ୭ଶହ ୫୦ ଟଙ୍କା ଜରିମାନା ଆଦାୟ ହୋଇଥିବା ତହସିଲଦାର ପ୍ରତିଭା ପୃଷ୍ଟି ସୂଚନା ଦେଇଛନ୍ତି । ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓ ବିଜୟ କୁମାର ନାୟକ, ତହସିଲଦାର ପ୍ରତିଭା ପୃଷ୍ଟି, ଥାନା ଅଧିକାରୀ ସୂର୍ଯ୍ୟନାରାୟଣ ଦାଶ, ଅତିରିକ୍ତ ତହସିଲଦାର କ୍ରିଷେନସିଆ ତିର୍କୀ, ରାଜସ୍ୱ ପରିଦର୍ଶକ ଭୁବନାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ମଧ୍ୟ ଲୋକଙ୍କୁ ସଚେତନ କରାଇବା ସହିତ ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ପ୍ରତିଭା ପୃଷ୍ଟି ସୂଚନା ଦେଇଛନ୍ତି ।

# ପଡ଼ିଆବାହଲ ରେ ଅଗ୍ନି ନିରାପତ୍ତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ ,(ପିଏନ) ଖପ୍ରାଖୋଲ ବ୍ଲକ୍ ପଡିଆବାହଲ ଗାଁ ରେ ଅଗ୍ନିଶମ ବିଭାଗ ଓ ଧଣ୍ଡାମୁଣ୍ଡା ଜବାହର ଲାଲ ନେହେରୁ ଉଚ୍ଚ ମାଧମିକ ବିଦ୍ୟାଳୟ ତରଫରୁ ଅଗ୍ନି ନିରାପତ୍ତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜତ କାର୍ଯ୍ୟକ୍ରମ ରେ ଅଧାପକ ନବୀନ କୁମାର ବାରିକ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ପଡିଆବାହାଲ୍ ସରପଞ୍ଚ ଦେବରାଜ ପ୍ରଧାନ, ତାଲିମ ଦାତା ରୂପେ ବ୍ଲକ୍ ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା ଯୋଗଦେଇଥିଲେ। ଅଗ୍ନି ସମ ବିଭାଗ ତରଫରୁ ଅଗ୍ନି ଭୟ ରୁ ମୁକ୍ତି ସହିତ ରନ୍ଧନ ଗ୍ୟାସ ର ନିଆଁ କୁ ଆୟତ କରିବା ସମ୍ପର୍କରେ ସଚେତନ କରିବା ସହ ଡେମୋ ପ୍ରଦର୍ଶିତ କରିଥିଲେ। ସେହି ପରି ବିଭିନ୍ନ ଦୁର୍ଘଟଣା ରୁ ସୁରକ୍ଷା ଓ ପୁନରୁଦ୍ଧାର ସମ୍ପର୍କରେ ସଚେତତା କରିଥିଲେ।ସେହିପରି ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଧାପକ ରବୀନ୍ଦ୍ର ବାରିକ, ମୁରଲୀ ମେହେର, ଶଙ୍କର୍ଷଣ ପଣ୍ଡା ସମେତ ଅଗ୍ନି ସମ କର୍ମଚାରୀ ଉପସ୍ଥିତ ଥିଲେ।

# ଉର୍ଦ୍ଦୁ ପାଠାଗାରରେ ଉର୍ଦ୍ଦୁ ଶିକ୍ଷକ ତାଲିମ ଶିବିର ଉଦଯାପିତ

କେନ୍ଦ୍ରାପଡ଼ା, : ଓଡିଶା ଉର୍ଦ୍ଦୁ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ତିନି ଦିନିଆ ଉର୍ଦ୍ଦୁ ଶିକ୍ଷକ ତାଲିମ ଶିବିର ସ୍ଥାନୀୟ ଉର୍ଦ୍ଦୁ ପାଠାଗାର ପରିସରରେ ଆଜି ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଏହି ତାଲିମ ଶିବିରକୁ ପୌରାଧକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିବା ବେଳେ ଏଥିରେ ୯୦ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଓଡିଶା ବାହାରୁ ଆସିଥିବା ଦକ୍ଷ ସାଧନା କର୍ମୀ ମିଶ୍ୱହା ଅଞ୍ଜୀମ ଓ ମୋଇଜ୍‌ଙ୍କ ସମେତ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଡକ୍ଟର ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ଏବଂ ଜିଲ୍ଲା ସାଧନକର୍ମୀ ମହମ୍ମଦ ଅସଗର ଅଲ୍ଲୀ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ଉର୍ଦ୍ଦୁ ଶିକ୍ଷକ ଓ



ଶିକ୍ଷୟିତ୍ରୀମାନଙ୍କୁ ଉର୍ଦ୍ଦୁ ଶିକ୍ଷା ସହିତ ଅତ୍ୟାଧୁନିକ ଜ୍ଞାନ କୌଶଳର ଉପଯୋଗ କରି କିପରି କୁନି କୁନି ପିଲାମାନଙ୍କୁ ଶିକ୍ଷାଦାନ କରାଯାଇପାରିବ ଏବଂ ଭାଷା ଜ୍ଞାନର ମୌଳିକ କୌଶଳ ହାସଲ କରିବେ ସେ ସମ୍ପର୍କରେ ଧାରଣା ଦେଇଥିଲେ। ଡଃ. ବ୍ରହ୍ମା ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କୁ କାର୍ଯ୍ୟ ମାଧ୍ୟମରେ ଶିକ୍ଷାର ଉପଯୋଗୀତା ଏବଂ ଉର୍ଦ୍ଦୁ ଭାଷାରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଓଡିଶା ବାହାରୁ ଆସିଥିବା ସାଧନକର୍ମୀମାନେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଆନନ୍ଦଦାୟୀ ଶିକ୍ଷା ଓ ଶିକ୍ଷାଦାନରେ ଉପକରଣର ଉପଯୋଗୀତା ବିଷୟରେ ବିଶେଷ ଧାରଣା ଦେଇଥିଲେ। ଉଦଯାପନୀ ଉତ୍ସବରେ ପୌରପାଳିକାର ଉପାଧକ୍ଷା ଆକବରୀ ଖାତୁନ ମୁଖ୍ୟଅତିଥି ଏବଂ ଉର୍ଦ୍ଦୁ ପାଠାଗାରର ଉପାଧକ୍ଷ ମହମ୍ମଦ ବଦ୍ରୁଜ ଜମାନ, ରାଜ୍ୟ ଉର୍ଦ୍ଦୁ ଏକାଡେମୀର ସମ୍ପାଦକ ମୁସିର ଆଲମ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କେନ୍ଦ୍ରାପଡାର ସାଧନ କେନ୍ଦ୍ର ସଂଯୋଜକ ଅଚ୍ୟୁତାନନ୍ଦ ସାମଲ, ମହମ୍ମଦ ଗୟାସୁଦ୍ଦିନ, କିଶୋର ଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉର୍ଦ୍ଦୁ ଶିକ୍ଷକ ମୀର ଅକ୍ତର ଅଲ୍ଲୀ, ସେଖ୍ ବର୍କତୁଲ୍ଲା, ସାୟେଦା ସୁହେଲ ଅକ୍ତର, ସେକ ମନ୍ସୁର ଅଲ୍ଲୀ, ମହମ୍ମଦ ଖଲିଲୁର, ମହମ୍ମଦ ଜାହାଙ୍ଗିର, ମହମ୍ମଦ ଫାରୁକ, ସେକ ଲିଆକତ, ସେକ ଫକିରୁଦ୍ଦିନ, ମିର ମହମ୍ମଦ ତବ୍ରେଜ, ମୀର ଅମିରୁଲହା, ମହମ୍ମଦ ଇବ୍ରାହିମ, ମିର ରୁଜୁଆନ ପ୍ରମୁଖ ସାଧନକର୍ମୀମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ।

# ଶ୍ରମିକ ବିରୋଧି, କୃଷକ ବିରୋଧି, ଜନ ବିରୋଧି ମୋଦି ସରକାର ବିରୋଧରେ କେନ୍ଦ୍ରୀୟ ଶ୍ରମିକ ସଂଗଠନର ବିକ୍ଷୋଭ




ଭୁବନେଶ୍ୱର (ପିଏନ) : ମୋଦି ସରକାରଙ୍କର ଶ୍ରମିକ ବିରୋଧି, କୃଷକ ବିରୋଧି, ଜନ ବିରୋଧି କାର୍ଯ୍ୟକ୍ରମ ବିରୋଧରେ ଦେଶ ବ୍ୟାପି ପ୍ରତିବାଦ କେନ୍ଦ୍ରୀୟ ଶ୍ରମକ ସଂଗଠନ ମାନଙ୍କ ପତ୍ୟକ୍ଷରୁ କରାଯାଇଥିବା ବେଳେ ଓଡ଼ିଶାର ୬ ଗୋଟି କେନ୍ଦ୍ରୀୟ ଶମିକ ସଂଗଠନ ଆଇ.ଏନ୍.ଟି.ୟୁ.ସି., ଏଚ୍.ଏମ୍.ଏସ୍., ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ, ଏ.ଆଇ.ୟୁ.ଟି.ୟୁ.ସି ଓ ଏ.ଆଇ.ସି.ସି.ଟି.ୟୁ. ପକ୍ଷରୁ ସ୍ଥାନୀୟ ମାଷ୍ଟର କ୍ୟାଂଟିନଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଅଛି।

୮ ଘଂଟାରୁ ୧୨ ଘଂଟା କାର୍ଯ୍ୟ ଦିବସକୁ ବାତିଲ କରିବା, କର୍ପୋରେଟ ସପକ୍ଷବାଦି ଶ୍ରମ କୋର୍ଡ଼କୁ ବାତିଲ କରିବା, କର୍ପୋରେଟ ସପକ୍ଷବାଦୀ କୃଷକ ବିରୋଧି କୃଷି ବିଲ୍‌କୁ ପ୍ରତ୍ୟାହାର କରିବା, ଶ୍ରମିକ ଛଟେଇ, ଡି.ଏ. ବନ୍ଦ ଓ ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡ଼ିକର ଘରୋଇକରଣ ବନ୍ଦ କରିବା ଲାଗି ଦେଶବ୍ୟାପି ବିରୋଧ ଓ ପ୍ରତିବାଦ କରିବା ସହ ମୋଦି ସରକାରଙ୍କର ଏ ପ୍ରକାର ଦେଶ ବିରୋଧି କାର୍ଯ୍ୟକ୍ରମକୁ ଆଗାମୀ ଦିନର ପ୍ରବଳ ବିରୋଧ କରାଯିବ ବୋଲି ଶ୍ରମିକ ନେତାମାନେ ଚେତାଇ ଦେଇଛନ୍ତି। କରୋନାରେ ସଂକ୍ରମଣ ଯୋଗୁ ରୋଜଗାର ହରାଇଥିବା ଶ୍ରମିକମାନଙ୍କୁ ଦଶ ହଜାର ଟଙ୍କା ଦେବାର ବ୍ୟବସ୍ଥା କରାଯାଉ। ଅସଂଗଠିତ ଶ୍ରମିକ, ପ୍ରବାସୀ ଶ୍ରମିକ, ମନେରେଗାରେ କାମ କରୁଥିବା ଶ୍ରମିକମାନଙ୍କୁ ସରକାର ରୋଜଗାର ଦେବାକୁ ଦାବୀ କରାଯାଇଛି। ଏହି ବିକ୍ଷୋଭର ଆଇ.ଏନ୍.ଟି.ୟୁ.ସି.ର ସଭାପତି ଡକ୍ଟର ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ସାଂସଦ, ଏଚ୍.ଏମ୍.ଏସ୍.ର ଉପ ସାଧାରଣ ସଂପାଦକ ବିରେନ୍ଦ୍ର ଦାସ, ଏ.ଆଇ.ଟି.ୟୁ.ସିର ରାମକୃଷ୍ଣ ପଣ୍ଡା, ସି.ଆଇ.ଟି.ୟୁ.ର ଜନାର୍ଦ୍ଦନ ପତି, ଏ.ଆଇ.ୟୁ.ଟି.ୟୁ.ସିର ପୂର୍ଣ୍ଣଚନ୍ଦ୍ର ବେହେରା ଓ ଏ.ଆଇ.ସି.ସି.ଟି.ୟୁର ରାଜ୍ୟ ସାଧାରଣ ସଂପାଦକ ମହେନ୍ଦ୍ର ପରିଡ଼ା, ଆଇ.ଏନ୍.ଟି.ୟୁ .ସି.ର ଉପସଭାପତି ମଦନ ମୋହନ ଧଳ, ଧରଣୀ ସ୍ୱାଇଁ,ସତ୍ୟବ୍ରତ ନାୟକ, ଅକ୍ଷୟ ତ୍ରିପାଠୀ ଏ.ଆଇ.ସି.ସି.ଟି.ୟୁର କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ସେଠୀ, ସି.ଆଇ.ଟି.ୟୁ.ର ଦୁଷ୍ମନ୍ତ ଦାସ, ଏ.ଆଇ.ଟି.ୟୁ.ସିର ନିରଞ୍ଜନ ମହାନ୍ତି, ଏ.ଆଇ.ଟି.ୟୁ.ସିର ବିଜୟ ଜେନା ପ୍ରମୁଖ ବିକ୍ଷୋଭରେ ଅଂଶ ଗ୍ରହଣ କରଥିଲେ।

## ବିଶ୍ୱ ହୃଦୟ ଦିବସରେ ଆଲମଣ୍ଡ ସହ ନିଜ ହୃତପିଣ୍ଡର ସୁରକ୍ଷା କରନ୍ତୁ

ଭୁବନେଶ୍ୱର : ହୃଦୟ ରୋଗ ଏବଂ ତାହାର ଉପଚାର କିପରି କରାଯାଇ ପାରିବ ଏହାର ସମାଧାନ ନିମନ୍ତେ ପ୍ରତି ବର୍ଷ ସେପ୍ଟେମ୍ବର ୨୯ରେ ବିଶ୍ୱ ହୃଦୟ ଦିବସର ପାଳନ କରାଯାଇଥାଏ। ବ ର୍ମାନ ସମୟରେ ହୃଦ୍ ରୋଗ ପ୍ରତ୍ୟେକ ଭାରତୀୟଙ୍କ ମୁଖ୍ୟ ସମସ୍ୟା ରୂପେ ଜଣାଯାଇଛି ଦୈନଦିନ ଜୀବନ ଆହାର ଓ ପରିବ ?ନ ଶିଳ ଜୀବନ ଶୈଳୀ ଏହାର ମୂଖ୍ୟ କାରଣ। ଆପଣ ଏବଂ ଆପଣଙ୍କ ପରିବାରର ସଦସ୍ୟ ନିଜ ଦୈନଦିନ ଆହାରରେ ଏକ ମୁଠା ଆଲମଣ୍ଡ ସେବନ କରି ଏକ ସୁସ୍ଥ ହୃଦୟର ଆରମ୍ଭ କରନ୍ତୁ। ଶୀଲା କୃଷ୍ଣସ୍ୱାମୀ, ପୋଷଣ ଏବଂ କଲ୍ୟାଣ ପରାମର୍ଶଦାତା କହିଛନ୍ତି ଯେ, "ସ୍ୱାସ୍ଥ୍ୟ ହିଁ ସମ୍ପଦ, ନିଜ ହୃଦୟରେ ସନ୍ତୁଳନ ରଖିବା ନିମନ୍ତେ ଆଲମଣ୍ଡର ମୁଖ୍ୟ ଭୂମିକା ରହିଛି। ୨୦୧୫ର ଏକ ଅଧ୍ୟୟନ ଦର୍ଶାଇଥିଲା ଯେ ଜଳଖିଆରେ

# ମହତ୍ କାମ: ଜନ୍ମ ଦିନରେ ଦିବ୍ୟାଙ୍ଗ ମାନଙ୍କୁ ରାହା ଦେଖାଇଲେ ଅଦ୍ୱୈତା

ଭୁବନେଶ୍ୱର, (ପିଏନ) : ପ୍ରତିଟି ମଣିଷ ପାଇଁ ଜନ୍ମଦିନ ଏକ ଅଭୁଲା ଦିନ। ଦିନଟିକୁ ସ୍ମରଣୀୟ ରଖିବା ପାଇଁ ଅନେକ ହୋଟେଲ, ରେଷ୍ଟୁରା , ପ ତାରକା ହୋଟେଲ ଓ ବିଭିନ୍ନ ମଣ୍ଡପମାନଙ୍କରେ ଜନ୍ମଦିନ ଉତ୍ସବ ଜାକ ଜମକରେ ଆୟୋଜନ କରିଥାନ୍ତି। ବନ୍ଧୁ, ବାନ୍ଧବ, ସାଙ୍ଗ, ସାଥୀ ଏବଂ ଆତ୍ମୀୟ ସ୍ୱଜନ ମାନଙ୍କୁ ଏକାଠି କରି ଆପ୍ୟାୟିତ କରିଥାନ୍ତି। ଦୁଆର ମୁହଁରେ ବେଲୁନ୍ ଓ ଫୁଲସଜ୍ଜା ସହ ଡ଼ିଜେ ସଙ୍ଗୀତ, ଭୋଜିଭାତ, କେକ୍‌କଟା, କ୍ୟାଣ୍ଡେଲ୍ ଫୁଙ୍କା ସାଙ୍ଗକୁ ଉପହାର ଦିଆନିଆ ହେଉଛି ଏବେକାର ଜନ୍ମଦିନ ପାଳନର ଶୈଳୀ। ଯାହା ପାଶ୍ଚାତ୍ୟ ସଂସ୍କୃତିକୁ ଇଙ୍ଗିତ କରିଥାଏ। ଏସବୁକୁ ବ୍ୟତିକ୍ରମ ଘଟାଇ ଜାତୀୟତାର ମହାନ୍ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ ନିଜର ଜନ୍ମଦିନକୁ ଏକ ନିଆରା ଓ ନିରାଡ଼ମ୍ବର ରୂପେ ପାଳନ କରିଛନ୍ତି ଅଦ୍ୱୈତା।




ମହାମାରୀ କରୋନା ସମୟରେ ସେ ନିଜ ଜନ୍ମଦିନ ପାଳନକୁ ଜାକଜମକ ଠୁ ଦୂରରେ ରହି ଦିବ୍ୟାଙ୍ଗ ମାନଙ୍କୁ ଖୁସି ବା ିଛନ୍ତି ଏବଂ ଜୀଇଁବାର ରାହା ଦେଖାଇଛନ୍ତି ଯାହା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ପାଲଟି ଯାଇଛି। ସୂଚନାଯୋଗ୍ୟ, ଅଦ୍ୱୈତା ହେଉଛନ୍ତି ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲର ନିର୍ଦ୍ଦେଶିକା ଡା. ଗୀତାଞ୍ଜଳି ପଦ୍ମନାଭମଙ୍କ ନାତୁଣୀ। ସେ ନିଜ ଜନ୍ମଦିନ ଅବସରରେ ଭାରତ ସରକାରଙ୍କ ଜାତୀୟ ବୃ ି ସେବା କେନ୍ଦ୍ର (ଏନ୍.ସି.ଏସ୍.ସି.ଡି.ଏ) ଭୁବନେଶ୍ୱର ଦ୍ୱାରା ତାଲିମପ୍ରାପ୍ତ ୨୧ଜଣ ଦିବ୍ୟାଙ୍ଗ ଯୁବକ ଯୁବତୀମାନଙ୍କୁ ଜୀବିକା ସାଧନ କିଟ୍ ଦାନ କରିଛନ୍ତି। କିଟ୍ ମଧ୍ୟରେ ରହିଛି ୪ଟି ବହୁମୁଖୀ ସିଲେଇ ମେସିନ୍, ୮ଟି ୱେଲ୍‌ଡ଼ିଙ୍ଗ କିଟ୍, ୩ଟି ମୋବାଇଲ୍ ମରାମତି କିଟ୍, ୩ଟି ଏସି ମରାମତି କିଟ୍ ଏବଂ ୩ଟି ଇଲେକ୍ଟ୍ରିକାଲ କିଟ୍। କରୋନା ମହାମାରୀ ସମୟରେ ଜୀବନ ଓ ଜୀବିକା ପାଇଁ ନିଶ୍ଚିତ ଆତ୍ମମାନଙ୍କୁ ବାଟ ଦେଖାଇବ ବୋଲି ଖୋର୍ଦ୍ଧା ଜିଲ୍ଲାର ତାଲିମପ୍ରାପ୍ତ ଯୁବକ ସୁଦାମ ସ୍ୱାଇଁ ଏବଂ ଜଗତସିଂହପୁର ଜିଲ୍ଲାର କୁମାରୀ କୌଶଲ୍ୟା ଦାସ ପ୍ରକାଶ କରିଛନ୍ତି।

ଏହି ଅବସରରେ ଏମ୍ସ ହସ୍ପିଟାଲର ନିର୍ଦ୍ଦେଶିକା ଡା. ଗୀତାଞ୍ଜଳି ପଦ୍ମନାଭମ୍, ଉପନିର୍ଦ୍ଦେଶକ (ପ୍ରଶାସନ) ପି.କେ. ରାୟ, ଭାରତ ସରକାରଙ୍କ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟର (ଏନ୍.ସି.ଏସ୍.ଡ଼ି.ଏ)ର ମୁଖ୍ୟ ରାମକିଶୋର ଶର୍ମା, ସାଇକୋଲୋଜିଷ୍ଟ ସୋନାଲିକା ସୁମନ ପ୍ରମୁଖ ଅଦ୍ୱୈତାଙ୍କ ଏତାଦୃଶ ପଦକ୍ଷେପକୁ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ।

# ବଙ୍କାପୁର ଓ ରିଷିପିଟିରେ ହାତୀପଖାନ ପରବ ପାଳିତ

ନୂଆପଡା, (ପିଏନ)-ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତର ବଙ୍କାପୁର ଗ୍ରାମରେ ନୂଆଁଖାଇ ଦିନ ହାତୀପଖାନ ପର୍ବ ପାଳିତ ହୋଇଥାଏ । ଗ୍ରାମ ସ୍ଥିତ ଝରନଡୁଙ୍ଗୁରୀରେ ଏକ ବିଶାଳ ପଥର ଖଣ୍ଡ ରହିଛି । ଯାହା ଦୂରରୁ ଦେଖିବାକୁ ହାତୀ ପରି ଦେଖାଯାଏ । ଲୋକେ ତାକୁ ହାତୀପଖାନ (ପଥରହାତୀ) ବୋଲି କହନ୍ତି । ଏହି ହାତୀପଖାନର ବିଶେଷତ୍ୱ ହେଲା ନୂଆଁଖାଇ ଦିନ ନୂଆଁଖିଆ ସରିଲା ପରେ ଗ୍ରାମର କୁମାରୀ ଝିଅ ମାନେ ନଡିଆ, ଧୂପକାଠି ଓ ପୀଠାପଣା ଧରିକି ପୂଜା କରିବା ପାଇଁ ଯାଆନ୍ତି । ସେଠାରେ ବିଶ୍ୱର ମଙ୍ଗଳ କାମନା ସହ ଭଲ ବର୍ଷା ସହ ସମସ୍ତଙ୍କୁ ନିରୋଗ ରଖିବା ପାଇଁ ପ୍ରାର୍ଥନା କରିଥାନ୍ତି । ବର୍ଷକୁ ଥରେ ପୂଜା ପାଉଥିବା ଏହି ହାତୀପଖାନକୁ ଦେଖିବା ପାଇଁ ଏବେ ଆଖପାଖ ଅ ଳରୁ ମଧ୍ୟଲୋକଙ୍କ ଭିଡ ଜମିଥାଏ । ପୂଜା ସରିବା ପରେ ଝିଅ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ଖେଳ ଅନୁଷ୍ଠିତ ହୋଇଥାଏ । ସେହିପରି ପୁଅ ଓ ଯୁବକ ମାନେ ମଧ୍ୟ ବିଭିନ୍ନ ଖେଳରେ ମସଗୁଲ ଥାଆନ୍ତି । ଠିକ୍ ସେହିପରି ଏହି ବ୍ଲକ ଅନ୍ତର୍ଗତ ରିଷିଗାଁ ସ୍ଥିତ ଐତିହାସିକ ପାହାଡ ରିଷିପିଟିରେ ମଧ୍ୟ ନୂଆଁଖାଇ ଦିନ ପ୍ରବଳ ଜନଗହଳି ହୋଇଥିଲା । ଏହି କିଛି ବର୍ଷ ଧରି ଉକ୍ତ ପାହାଡରେ ଗଣେଶ ପୂଜା ଅନୁଷ୍ଠିତ ହେଉଥିବାରୁ ଆଖପାଖ ଅ ଳରୁ ଶହ ଶହ ଲୋକଙ୍କ ଭିଡ ଜମି ଜମିଥାଏ । କିଛି ବର୍ଷ ତଳେ ବିଭିନ୍ନ ଗଛଲତା ରୋପଣ ସହିତ ପାହାଚ ନିର୍ମାଣ ସହିତ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ କରାଯାଇଛି ।

## ଦୁଇଘଂଟାର ବର୍ଷାରେ ବ୍ରହ୍ମପୁର ଜଳାର୍ଣ୍ଣବ

ଗଞ୍ଜାମ, (ପିଏନ)- ଭୋର ଚାରିଟାରୁ ଛଅଟା ମଧ୍ୟରେ ବ୍ରହ୍ମପୁର ସହରରେ ପ୍ରବଳ ବର୍ଷା ହେବା ଫଳରେ ବ୍ରହ୍ମପୁର ସହର ଜଳାର୍ଣ୍ଣବ ହୋଇ ବନ୍ୟା ଭଳି ପରିବେଶ ସୃଷ୍ଟି ହୋଇଛି । ସହରର ବିଭିନ୍ନ ନାଳ ନର୍ଦ୍ଦମା ଠିକ୍ ରୂପେ ସଫା ହେଉନଥିବାରୁ ବର୍ଷା ପାଣି ଠିକ୍‌ରେ ନିଷ୍କାସିତ ହୋଇ ରାସ୍ତା ଘାଟ, ଗଳି କନ୍ଦିରେ ବର୍ଷା ପାଣି ପ୍ଲାବିତ ହେଉଛି । ବର୍ଷାପାଣି ଗଜପତି ନଗର, ଗାନ୍ଧି ନଗରର ବହୁ ଘରେ ପାଣି ପଶି ଥିବାରୁ ଏ ଅଂଚଳର ଜନସାଧାରଣ ନାହିଁ ନ ଥିବା ହଟହଟାର ସମ୍ମୁଖିନ ହୋଇଛି ।




# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନ୍‌ସିପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନ୍‌ସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତ୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ସଂସ୍କାର

ଓଡ଼ିଶା ସରକାର ସର୍ବଶେଷ ସୂଚନା ପ୍ରଯୁକ୍ତି ଓ ସାମାଜିକ ଗଣମାଧ୍ୟମର ବ୍ୟବହାର କରି ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ନୂଆ ପ୍ରକାର ବ୍ୟବସ୍ଥା ଆପଣାଉଛନ୍ତି । ଦିନକୁ ଦିନ ଲୋକମାନେ ସୋସିଆଲ ମିଡ଼ିଆ ସହିତ ଅତ୍ୟନ୍ତ ସକ୍ରିୟ ରହୁଛନ୍ତି ଓ ହାତପାହାନ୍ତାରେ ଥିବା ମୋଇବାଲ ମାନଙ୍କରେ ସରକାରଙ୍କ ପ୍ରଦତ୍ତ ସର୍ବଶେଷ ତଥ୍ୟ ଓ ସଚେତନତା ଜାଣି ପାରୁଛନ୍ତି । ତେବେ ଏହା ଭିତରେ ଏକ ବଡ଼କଥା ହେଉଛି, ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ଲାଗି ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ଅଣାଯାଇଛି । ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଥିବା ମାନୁଆଲ ବ୍ୟବସ୍ଥା ବଦଳରେ ଡିଜିଟାଲ ବା କମ୍ପ୍ୟୁଟରୀକରଣ କରାଯାଉଛି । ଏଥିଲାଗି ଅଟୋମେଟିକ ବା ସ୍ୱୟଂ ଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ ବ୍ୟବସ୍ଥାର ପ୍ରଚଳନ ହେଉଛି । ପ୍ରଥମିକ ପର୍ଯ୍ୟାୟରେ ୧୯ଟି ଆରଟିଓରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ଏଥିଲାଗି ଅତ୍ୟାଧୁନିକ ଡ୍ରାଇଭିଂ ପରୀକ୍ଷଣ ଟ୍ରାକ ସ୍ଥାପନ କରାଯାଉଛି ।ସୂଚନାଯୋଗ୍ୟ ଯେ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ହେଲେ ପ୍ରତ୍ୟେକଙ୍କୁ ଡ୍ରାଇଭିଂ ସ୍କିଲ ଟେଷ୍ଟ ଦେବାକୁ ପଡ଼ିଥାଏ । ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଜଣେ ମୋଟର ଯାନ ଇନ୍ସପେକ୍ଟରଙ୍କ ଉପସ୍ଥିତିରେ ଏହି ପରୀକ୍ଷା ଦେବାକୁ ପଡୁଛି । ପରୀକ୍ଷା ଶେଷରେ ଏହି ଅଧିକାରୀ ନିଷ୍ପତ୍ତି ନିଅନ୍ତି ଯେ ଆପଣଙ୍କର ଡ୍ରାଇଭିଂ କରିବାର କ୍ଷମତା ଅଛି କି ନାହିଁ । ଏହି ପ୍ରଚଳିତ ବ୍ୟବସ୍ଥା ଶୀଘ୍ର ଇତିହାସ ହେବାକୁ ଯାଉଛି । ଏବେ ଡ୍ରାଇଭିଂ ଦକ୍ଷତା ବିଷୟରେ ନିଷ୍ପତ୍ତି କ୍ୟାମେରା, ସେନ୍ସର ଏବଂ କମ୍ପ୍ୟୁଟର ଉପରେ ନ୍ୟସ୍ତ କରାଯିବ । ଏଥିଲାଗି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଡ୍ରାଇଭିଂ ଟେଷ୍ଟ ସିଷ୍ଟମକୁ ଅପଗ୍ରେଡ଼ କରାଯାଉଛି ।ନୂତନ ବ୍ୟବସ୍ଥାରେ କେବଳ ଆବେଦନକାରୀଙ୍କ କେବଳ ଡ୍ରାଇଭିଂ ଦକ୍ଷତା ଯାଞ୍ଚ ହେବନାହିଁ ବରଂ ଲାଇସେନ୍ସ ପ୍ରଦାନ କରିବାକ ସମୟରେ ସ୍ୱଚ୍ଛତାକୁ ମଧ୍ୟ ସୁନିଶ୍ଚିତ କରାଯିବ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୯ଟି ଆରଟିଓରେ ଡ୍ରାଇଭିଂ ପରୀକ୍ଷଣ ଟ୍ରାକରେ ଏଡିଟିଏସ ସ୍ଥାପନ କରାଯିବ । ଭିଡ଼ିଓ ଆନାଲିଟିକ୍ସ ଟେକ୍ନୋଲୋଜି ଏବଂ କ୍ୟାମେରା ଏବଂ ସେନ୍ସରର ବ୍ୟବହାର କରି ଏହି ସିଷ୍ଟମ ଏକ ଅତ୍ୟାଧୁନିକ ସେଟଅପ ପ୍ରଦର୍ଶିତ ହେବ । ଯାନଗୁଡ଼ିକର ପ୍ରବେଶ ଠାରୁ ଆରମ୍ଭ କରି ଏହାର ଯାଞ୍ଚ ସବୁକିଛି ଡିଜିଟାଲ ପଦ୍ଧତିରେ ସୁନିଶ୍ଚିତ କରାଯିବ । ଟ୍ରାକରେ ଫିଟ ହୋଇଥିବା ଡିଜିଟାଲ ଟେଷ୍ଟିଂ ସେନ୍ସରଗୁଡ଼ିକ ଏହା ଉପରେ ନଜର ରଖିବ ଏବଂ ଆବେଦନକାରୀଙ୍କ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ । ଏକାଧିକ ହୋଇ ଡେଫିନେସନ କ୍ୟାମେରା ସହିତ ବୈଜ୍ଞାନିକ ପଦ୍ଧତିରେ ପରିକଳ୍ପିତ ସିଷ୍ଟମକୁ ଆବେଦନକାରୀଙ୍କ ଡ୍ରାଇଭିଂ ଦକ୍ଷତାର ମୂଲ୍ୟାଙ୍କନ କରିବାକୁ ସଜାଗ ରଖାଯିବ । ଟ୍ରାକ ଗୁଡ଼ିକ ସେନ୍ସର ସହିତ ଲାଇନ ହେବ, ପରୀକ୍ଷଣ ସମୟରେ ସେନ୍ସରକୁ ମାରିବା ଦ୍ୱାରା ମାର୍କ ନଷ୍ଟ ହେବ ।ଆବେଦନକାରୀଙ୍କ ଦକ୍ଷତା ପରୀକ୍ଷା ସିଟ ବେଲ୍ଟ, ପାଥ ପରିବର୍ତ୍ତନ, ଗାଡ଼ି ଚାଳନା, ଷ୍ଟପ ଲାଇନ, ଅପ ଗ୍ରେଡିଏଣ୍ଟ, ଫରୱାର୍ଡ଼-୮, ରିଭର୍ସ ଏସ ଏବଂ ଟ୍ରାଫିକ ଜଙ୍କସନ ପରି ପାରାମିଟର ଉପରେ ବିଚାର କରାଯିବ । ସେଠାରେ ଏକ ଏଲଇଡି ଟେଲିଭିଜନ ସହିତ ସଜ୍ଜିତ ହେବ ଯାହା କ୍ରମାଗତ ଭାବରେ ପାସ ଖେଳିବ ଏବଂ ଏଲଏମଭି ଏବଂ ମୋଟର ସାଇକେଲ ଲାଗି ଭିଡ଼ିଓ ବିଫଳ ହେବ । ପରୀକ୍ଷା ସମୟରେ ଯଥାଶୀଘ୍ର ଆବେଦନକାରୀଙ୍କ ପରୀକ୍ଷା ଫଳାଫଳ ପାସ କିମ୍ବା ଫେଲ ପ୍ରଦର୍ଶନ କରିବାକୁ ପ୍ରତ୍ୟେକ ଭେରିଏବଲ ମେସେଜିଂ ସମସ୍ତ ପରୀକ୍ଷା ଟ୍ରାକରେ ରଖାଯିବ ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜନ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି । ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି । ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି । ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ । ରାସ୍ତାର ୨ ପାର୍ଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି । ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ । ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ । ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ ।


**OFFICE OF THE MUNICIPAL COUNCIL, TALCHER**

**DIST :- ANGUL**

Phone No.- (06760) 240259 E-Mail ID : e.o.talcher@gmail.com

No. 5416 / Date. 13.12.23

**QUOTATION CALL NOTICE**

The Executive Officer, Talcher Municipality on behalf of Talcher, Dist- Angul invites Quotations from the intending local contractors / authorized dealers / distributors for **Painting all the Machinery Equipment's, Iron bars & Others at MCC-I & FSTP in Ranipark under Talcher Municipality**. The prescribed quotation schedule can be obtained from the Cashier section of Talcher Municipality on payment of Rs.1,000/- (Rupees One Thousand) only including GST@ (non-refundable) in shape of cash in favour of the Executive Officer, Talcher Municipality from date **13.12.2023** to date **20.12.2023** up to 11.00 AM. during office hour except holidays.

The quotation paper along with all documents should reach the undersigned by person on or before date **21.12.2023** up to 1.00 PM. And this office will in no way, be responsible for any delay in receipt of the quotation documents. The quotation will be opened on the same date at 3.00 PM in presence of the quotationer or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the quotations without assigning any reason thereof.

| Sl. No. | Description | Unit / | Rate Per Unit (Excluding GST@) |
|---|---|---|---|
| 1 | One Coat Primer including all cost & two coat of enamel paint to iron bars and other equipment's at MCC-I & FSTP in Ranipark under Talcher Municipality | Sqmtr. | |

Executive Officer
Talcher Municipality

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Friday December 15, 2023 ଭୁବନେଶ୍ୱର ଶୁକ୍ରବାର, ଡିସେମ୍ବର ୧୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଜନ କଲ୍ୟାଣ ସଂଗଠନର ସଚେତନା କାର୍ଯ୍ୟକ୍ରମ

ନିମାପଡା,(ପି.ଏନ): ଓଡିଶା ଜନ କଲ୍ୟାଣ ସଙ୍ଗଠନ ତରଫରୁ ଆଜି ଏକ ସଚେତନତା କାର୍ଯ୍ୟକ୍ରମ ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ କରାଯାଇଥିଲା ।ଏହି ସଚେତନତା କାର୍ଯ୍ୟକ୍ରମରେ କିପରି ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରିବେ ଯୁବ ପିଢ଼ି ମାନଙ୍କୁ ସଚେତନତା କରାଯିବା ସହ ସଡ଼କ ଦୁର୍ଘଟଣାରେ କିପରି ରୋକି ହେବ ଦୁର୍ଘଟଣାରେ ପଡ଼ିଥିବା ଲୋକମାନଙ୍କୁ କିପରି ସାହାଯ୍ୟ କରିବା,ଲୋକମାନଙ୍କୁ କିପରି ରକ୍ତଦାନ କରିବା, ହୃଦରୋଗ ରୁ କିପରି ଲୋକମାନଙ୍କୁ ଆମେ କିପରି ସାହାଯ୍ୟ କରିବା ଏହିପରି ଅନେକ ସଚେତନତା କାର୍ଯ୍ୟକ୍ରମ ବିଷୟରେ ଆଲୋଚ଼ନା କରଯାଇଥିଲା ।ଏଥିରେ ସଙ୍ଗଠନ ତରଫରୁ ସଭାପତି – ସୁଶାନ୍ତ କୁମାର ବେହେରା, ସମ୍ପାଦକ – ପ୍ରତ୍ୟୁଷ ବିଶ୍ୱାଳ,କୋଷାଧକ୍ଷ – ଆକାଶ ସାମନ୍ତରାୟ,ଉପ ସଭାପତି – ସନ୍ତୋଷ କୁମାର ନାୟକ, ସହ ସମ୍ପାଦକ – ମୃତ୍ୟୁଜୟ ପାଢ଼ୀ, ମୁଖ୍ୟ ପରାମର୍ଶ ଦାତା – ସମୀର କୁମାର ସ୍ୱାଇଁ,ଙ୍କ ସହିତ ଅଚ୍ୟୁତ ପ୍ରଧାନ, ମନୋରଞ୍ଜନ ସବୁତ, ପ୍ରସନ୍ନ ଦଳାଇ, ରାକେଶ, ପ୍ରମୁଖ ଉପସ୍ଥିତ ଥିଲେ ।ମହିଳା ଶାଖା ପରିଚ଼ାଳକ – ଦୀପ୍ତିମଇ ବିଶ୍ୱାଳଙ୍କୁ ନିଜର କର୍ତ୍ତବ୍ୟ ନିଷ୍ଠା ପାଇଁ ସମ୍ମାନିତ କରାଯିବା ସହ କଲେଜ ର ଅଧକ୍ଷ ସୁରତ କୁମାର ସ୍ୱାଇଁ କୁ ସଙ୍ଗଠନ ତରଫରୁ ସମ୍ମାନିତ କରା ଯାଇଥିଲା ।ଏହି କାର୍ଯ୍ୟକ୍ରମରେ କଲେଜ୍ ର ସମସ୍ତ ଛାତ୍ର ଛାତ୍ରୀ ଭାଗ ନେବା ସହ ଏମିତି ଏକ ନିଆରା କାର୍ଯ୍ୟକ୍ରମ ରେ ଭାଗ ନେଇଥିବାରୁ ଓଡ଼ିଶା ଜନ କଲ୍ୟାଣ ସଂଗଠନ କୁ ପ୍ରଶଂସା କରିଥିଲେ ।

# ବିଶିଷ୍ଟ ଶିକ୍ଷକଙ୍କ ଆତ୍ମାର ସଦ୍‌ଗତି ପାଇଁ ସ୍ମୃତିସଭା

ପୁରୀ, (ପି.ଏନ):ସଦର ବ୍ଲକ ଅଧିନ ପାଇକେରାପୁର ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ରାମ ଚନ୍ଦ୍ର ମହାନ୍ତିଙ୍କ ଏକାଦଶ ଉପଲକ୍ଷେ ଗ୍ରାମରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ସେ ପୁରୀ ସଦର ଅଚଂଳରେ ଜଣେ ବିଶିଷ୍ଟ ଶିକ୍ଷକଭାବେ ସୁନାମ ଅର୍ଜନ କରିଥିଲେ । ସ୍ୱର୍ଗତ ଶ୍ରୀ ମହାନ୍ତି ବାଙ୍ଗୁରୁବା ଗଦାଧରପୁର ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ହିନ୍ଦି ଶିକ୍ଷକଭାବେ କାର୍ଯ୍ୟ କରିଛନ୍ତି । ତାଙ୍କର ଅନ୍ତେ ସ୍ଥାନୀୟ ଅଚଂଳରେ ଏକ ଅପୁରଣୀୟ କ୍ଷତି ଘଟିଛି । ଯାହାକୁ ପୂରଣ କରିବା ଅସମ୍ଭବ ବୋଲି ସ୍ଥାନୀୟ ଲୋକେ ତାଙ୍କ ସ୍ମୃତି



ସଭାରେ ସୂଚନା ଦେଇଛନ୍ତି । ସେ ଜଣେ ସ୍ନେହଶୀଳ,ମିଷ୍ଟଭାଷୀ ଛାତ୍ରଛାତ୍ରୀ ବତ୍ସଳ ଶିକ୍ଷକ ଥିଲେ । ତାଙ୍କ ଦ୍ୱାରା ଶିକ୍ଷିତ ଅନେକ ଛାତ୍ରଛାତ୍ରୀ ବର୍ତମାନ ବହୁ ଉଚ୍ଚ ପଦବୀରେ ଆସୀନ ହୋଇଛନ୍ତି । ତାଙ୍କ ଆତ୍ମାର ସଦଗତି ପାଇଁ ଅନୁଷ୍ଠିତ ସଭାରେ ବାଙ୍ଗରୁବା ଗଦାଧରପୁର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ବୃନ୍ଦ,ସ୍ଥାନୀୟ ଗ୍ରାମବାସୀ ଏବଂ ଚିତ୍ରଶିଳ୍ପୀ ହରୀ ଭାଇନାଙ୍କ ତତ୍ୱାବଧାନରେ ସ୍ମୃତି ଚାରଣ କରାଯାଇଛି ।

## ପୋଷ୍ଟାଲ କର୍ମଚାରୀ ମାନଙ୍କ ଧାରଣା

ଧର୍ମଶାଳା, (ପିଏନ୍): ଅଲ୍ ଇଣ୍ଡିଆ ଗ୍ରାମୀଣ ଡାକ ସେବା ୟୁନିୟନ ଓ ନେସନାଲ ୟୁନିୟନ ଅଫ ଗ୍ରାମୀଣ ଡାକ ସେବା ଡାକରାରେ ୧୦ ଦଫା ଦାବି ନେଇ ଧର୍ମଶାଳା ସବ ପୋଷ୍ଟ ଅଫିସ ଶାଖା ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଛି । ଧର୍ମଶାଳା ସବ ପୋଷ୍ଟ ଅଫିସ ସମେତ ଏହା ଅଧିନରେ ଥିବା ୧୩ ଗୋଟି ଶାଖା ପୋଷ୍ଟ ଅଫିସ ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଇଛନ୍ତି । ପୋଷ୍ଟାଲ କର୍ମଚାରୀମାନଙ୍କୁ ସମସ୍ତ ସରକାରୀ ସୁବିଧା ସୁଯୋଗ, ପେନସନ, ପରିବାର ଲୋକଙ୍କ ପାଇଁ ମେଡିକାଲ ଫାସଲିଟି ସହ ସମସ୍ତ ଶାଖାକୁ ବ୍ରଡବ୍ୟାଣ୍ଡ ସମେତ କମ୍ପୁଟର କରଣ କରିବା ଆଦି ୧୦ ଦଫା ଦାବିରେ ଏହି ଧାରଣା ଦିଆଯାଇଛି । ୟୁନିୟନର ଡିଭିଜନାଲ ପ୍ରେସିଡେଂଟ ଧନେଶ୍ୱର ମହାନ୍ତିଙ୍କ ସଭାପତିତ୍ୱ ରେ ଏହି ଧାରଣାରେ ଅନନ୍ତ ଚରଣ ସାହୁ, ସୁବାସ ଦାସ, ଗୁଲାମ ରସୁଲ ଖାଁ, ଚକ୍ରଧର ବେହେରା, ସୌଗତ ଶୁଭଙ୍କର ସ୍ୱାଇଁ, ସୁଶ୍ରୀ ବିଶ୍ୱାଳ, ସୁଦ୍ଧା ସଂଜୀବନୀ, ବିନୁଲତା ଶାନ୍ତି, ମଧୁସ୍ମିତା ସର,କୁଳମଣି ରାଉତ, କୁ ବିହାରୀ ରାୟ, ସନ୍ତୋଷ ଶତପଥି, କାନ୍ହୁ ଚରଣ ପାତ୍ର,କୃଷ୍ଣ ଚନ୍ଦ୍ର ମାଝୀ, ରିନୁଲତା ତରାଇ ଯୋଗଦାନ କରିଥିଲେ । ସାରା ଭାରତ ବର୍ଷ ରେ ଏହି ଆନ୍ଦୋଳନ ଚାଲିଛି ।

# ଦ୍ୱିତୀୟ ଦିନରେ କବ୍ ବୁଲ୍‌ବୁଲ୍ ଉତ୍ସବ

ଭୁବନେଶ୍ୱର,(ପି.ଏନ): କବ୍ ବୁଲ୍‌ବୁଲ୍ ଉତ୍ସବର ଦ୍ୱିତୀୟ ଦିନ ପିଲାମାନେ ସକାଳୁ ଉଠି ନିଜ ନିଜର ନିତ୍ୟକର୍ମ ସାରି ପ୍ରଥମେ ସବୁ ପିଲାମାନେ ଏକତ୍ରିତ ହୋଇ ଏରୋବିକ୍ସ କରିଥିଲେ । ପରେ ପରେ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା ଯେପରିକି ମାସ୍କ ମେକିଙ୍ଗ୍, ହ୍ୟାଣ୍ଡିକ୍ରାଫ୍ଟ, କ୍ଲେ ମଡେଲ ମେକିଙ୍ଗ୍, ଡ୍ରଇଙ୍ଗ୍ ଏବଂ କନ୍‌ଫିଡେ ସ୍କିକରରେ ଭାଗନେଇଥିଲେ । ଅପରାହ୍ନ ୫.୦୦ ଘଟିକା ସମୟରେ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଯୁଗ୍ମ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷାପରିଷଦ ଶ୍ରୀଯୁକ୍ତ ସପନ କୁମାର ଜେନା, ସମ୍ମାନୀତ ଅତିଥିଭାବେ ଭୂମି ଅଧିକାରୀ, ଭୁବନେଶ୍ୱର ବିକାଶ ପ୍ରାଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ନାୟକ, ଓଏଏସ ଏବଂ ବ୍ଲକ ଶିକ୍ଷାଧିକାରୀ, ଭୁବନେଶ୍ୱର ଡଃ. (ଶ୍ରୀମତୀ) ପ୍ରଜ୍ଞା ପାରମିତା ଜେନା ଉତ୍ସବରେ କବ୍ ବୁଲ୍‌ବୁଲ୍‌ମାନଙ୍କର ବିଭିନ୍ନ କଳା କୌଶଳ ଏବଂ ନାଚ ଗୀତକୁ ଦେଖି ବହୁତ ପ୍ରଶଂସା କରିଥିଲେ । ରାଜ୍ୟ ସଂଗଠନ କମିଶନର ତଥା ଆଡିମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜ୍ୟ କୋଷାଧକ୍ଷ ଶ୍ରୀ ଭବାନୀ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଧର୍ମଶାଳା ବ୍ଲକ୍ ଘେରିଲା ବିଜେପି

ଧର୍ମଶାଳା, (ପିଏନ୍): ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାର ବିରୋଧରେ ଆଜି ଧର୍ମଶାଳା ବିଜେପି ପକ୍ଷରୁ ବ୍ଲକ ଘେରାଉ ଡାକରା ଦିଆଯାଇଥିଲା । ଏହି ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ଶହ ଶହ କର୍ମୀ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ଧର୍ମଶାଳା ହାଟ ପଡ଼ିଆରୁ ଦଳର ନେତୃମଣ୍ଡଳୀ, ପ୍ରମୁଖ କାର୍ଯ୍ୟକର୍ତା ଓ ଶହ ଶହ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଜିଲ୍ଲା ସଭାପତି ଗୌତମ ରାୟଙ୍କ ସଭାପତିତ୍ୱରେରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ବିଜେପି ସମ୍ପାଦକ ପୃଥ୍ୱୀରାଜ୍ ହରିଚନ୍ଦନ, ଜିଲ୍ଲା ପ୍ରଭାରୀ ଶାରଦା ପ୍ରସନ୍ନ ଶତପଥୀ, ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହି, ବିଜେପି ନେତା ସର୍ବେଶ୍ୱର ବେହୁରା ପ୍ରମୁଖ ଯୋଗଦେଇ ବିଜେଡି ସରକାରରେ ବିଭିନ୍ନ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରିଥିଲେ । ସେହିପରି କେନ୍ଦ୍ରରେ ଥିବା ଉପା ସରକାର ଠାରୁ ବର୍ତମାନର ବିଜେପି ସରକାର ଓଡିଶାକୁ ଅଧିକ ଅନୁଦାନ ରାଶି ପ୍ରଦାନ କରୁଥିଲେ ହେଁ ତାହାର ସୁଫଳ ଲୋକେ ପାଇ ପାରୁନଥିବା ବେଳେ ଏହା ବାଟମାରଣା ହେଉଥିବା ଅଭିଯୋଗ କରିଥିଲେ । ଏହାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ବିଜେପିର ନେତୃମଣ୍ଡଳୀ ମାନେ ଚେତାବନୀ ଦେଇଥିଲେ । ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଧର୍ମଶାଳା ନିର୍ବାଚନମଣ୍ଡଳୀରେ ପରସ୍ପରକୁ ବିରୋଧ କରିଆସୁଥିବା ଦୁଇ ନେତା ସ୍ମୃତିରେଖା ପହି ଓ ସର୍ବେଶ୍ୱର ବେହୁରା ଆଜି ପଛକଥା ଭୁଲିଯାଇ ଦଳ ପାଇଁ ଗୋଟିଏ ମଂଚରେ ଏକାଠି ହେବା କର୍ମୀ ମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି ।

## ବିଜେପିରେ ସାମିଲ ହେବା ପରେ ସମାଜସେବୀ ହିମାଂଶୁ ସାହୁଙ୍କ ଶକ୍ତି ପ୍ରଦର୍ଶନ

ଧର୍ମଶାଳା, (ପିଏନ୍): ଧର୍ମଶାଳା ନର୍ବାଚନମଣ୍ଡଳୀର ଯୁବ ସମାଜସେବୀ ତଥା ଅଂଶୁମାନ ଟ୍ରଷ୍ଟର ସମ୍ପାଦକ ହିମାଂଶୁ ଶେଖର ସାହୁ ବହୁ ବାଦ ବିବାଦ ପରେ ଆଜି ବିଜେପିରେ ସାମିଲ ହୋଇଛନ୍ତି । ହିମାଂଶୁ ଆଜି ନିଜର ସମର୍ଥକଙ୍କ ସହ ଭୁବନେଶ୍ୱର ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ରାଜ୍ୟ ସଭାପତି ଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି । ତାଙ୍କ ସହିତ ଯାଜପୁରର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି ଓ ବହୁ ପୂର୍ବତନ ସରପଞ୍ଚ , ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ଦଳରେ ସାମିଲ ହୋଇଥିଲେ । ଦଳରେ ସାମିଲ ହୋଇ ଆଜି ଅପରାହ୍ନରେ ସେ ଚଣ୍ଡିଖୋଲ ରେ ପହଞ୍ଚିବା ପରେ ତାଙ୍କର ହଜାର ହଜାର ସମର୍ଥକଙ୍କ ସହ ଏକ ବାଇକ୍ ରାଲିରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ଜାରକା ଓ କୁଆଖିଆ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ । ହିମାଂଶୁ ପୁର୍ବରୁ ସ୍ଥାନୀୟ ବିଧାୟକଙ୍କ ଜଣେ ଦୃଢ ସମର୍ଥକ ଭାବେ ବିଜେଡିରେ ରହିଥିଲେ । ତେବେ କୌଣସି କାରଣ ବସତ ସେ ବିଧାୟକଙ୍କ ଠାରୁ ଅଲଗା ହୋଇ ରହି ସମାଜସେବା କରୁଥିବା ବେଳେ ସେ ବିଜେପିରେ ଯେଗଦେବେ ବୋଲି ଶୁଣାଯାଉଥିଲା । ତେବେ ସବୁ କଳ୍ପନା ଜଳ୍ପନାର ଅବସାନ ଘଟାଇ ସେ ଅଜି ନିଜ ସମର୍ଥଙ୍କ ସହ ବିଜେପିରେ ସାମିଲ ହୋଇଛନ୍ତି । ହିମାଂଶୁ ସହୁଙ୍କ ପାଖରେ ଯୁବ ସଂଗଠନ ରହୁ ଥିବା ବେଳେ ସେ ଅଗାମୀ ଦିନରେ ଧର୍ମଶାଳାରେ ବିଜେପିର ମଙ୍ଗ ଧରିମେବ ବୋଲି ରାଜନୈତିକ ବିଶେଜ୍ଞମାନେ ମତଦେଉଛନ୍ତି । ଏପଟେ ଧର୍ମଶାଳାରେ ବିଜେପିର ନେତୃତ୍ୱ ନେଉଥିବା ସ୍ମୃତିରେଖା ପହିଙ୍କ ପାଇଁ ଅଡୁଆ ବଢିବା ନେଇ ମତପ୍ରକାଶ ପାଇଛି ।

# ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଏନ୍ ଏ ସି ଓ ବ୍ଲକ ସ୍ତରୀୟ କ୍ରୀଡା ଉତ୍ସବ ୧୪-୨୧ ତାରିଖ ଯାଏ ଉଦଘାଟିତ

ଧାମନଗର ,(ପି.ଏନ):ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବିଜୁ ପଟ୍ଟନାୟକ ମିନୀ ଷ୍ଟାଡିୟମ ପରିସରରେ ଡିସେମ୍ବର ୧୪-୨୧ ତାରିଖ ଯାଏ ଏନ୍ ଏ ସି ଏବଂ ବ୍ଲକ ସ୍ତରୀୟ କ୍ରୀଡା ଉତ୍ସବ ଗୁରୁବାର ପୂର୍ବାହ୍ନରେ ଉଦଘାଟିତ ହୋଇଯାଇଛି । ରାଜ୍ୟରେ ହକି, ଫୁଟବଲ, ଭଲିବଲ, ଖୋକୋ,କବାଡ଼ି, କ୍ରିକେଟ୍ ଆଦି ଖେଳକୁ ଲୋକାଭିମୁଖୀ କରିବା ସହିତ କ୍ରୀଡା କ୍ଷେତ୍ରରେ ଯୁବ ଓ ଯୁବତୀ ମାନଙ୍କୁ ଆଗକୁ ଆଣିବା ପାଇଁ ରାଜ୍ୟ ସରକାରଙ୍କ ମୂଳ ଉଦ୍ଦେଶ୍ୟ ବୋଲି ଆଲୋଚ଼ନା ହେଉଛି । ଏହି ପରିପ୍ରେକ୍ଷୀରେ ୪ ନୂଆ-ଓ ନବୀନ ଓଡ଼ିଶା ଯୁବ ଓଡ଼ିଶା ଯୋଜନା ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଏନ୍ ଏ ସି ଏବଂ ବ୍ଲକ ସ୍ତରୀୟ କ୍ରୀଡା ଉତ୍ସବକୁ ଧାମନଗର ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ ଓ ସମ୍ମାନୀତ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ନିବେଦିତା ଜେନା ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ସହ ଏକ ଶପଥ ଗ୍ରହଣ କରି କ୍ରୀଡା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି କ୍ରୀଡା ଉଦଘାଟନୀ ଉତ୍ସବରେ ଧାମନଗର ବିଡ଼ିଓ ବନବିହାରୀ ଦିନ୍ଦା,ବ୍ଲକ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ,ଏନ୍ ଏ ସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ,ଏନଏସି ଉପାଧକ୍ଷ ଓସିମ ଏଜଦାନି କାଦରି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ ଅନ୍ତର୍ଗତ ୩୧ ପଞ୍ଚାୟତ ଓ ଏନଏସିର ବିଭିନ୍ନ ବିଦ୍ୟାଳୟରୁ ଅନ ଲାଇନ ଆବେଦନ କରିଥିବା ୧୩୭ ଟି ଟିମ ଏହି କ୍ରୀଡା ପ୍ରତିଯୋଗିତାରେ ଭାଗନେବେ ।ଏହି କ୍ରୀଡ଼ା ଉତ୍ସବରେ ଫୁଟବଲ, ହକି, ଖୋକୋ, ଭଲିବଲ,କ୍ରିକେଟ ଇତ୍ୟାଦି ବିଭାଗର ଖେଳ ଅନୁଷ୍ଠିତ ହେବ । କ୍ରୀଡ଼ା ଉତ୍ସବର ବ୍ଲକ କୋଡ଼ିନେଟର ଦିଲ୍ଲୀପ କୁମାର ରାଉତ ଉତ୍ସବ ସଞ୍ଚାଳନ କରିଥିବା ବେଳେ ବ୍ଲକର ପ୍ରତି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଖେଳ ପରିଚ଼ାଳନାର ନେତୃତ୍ୱ ନେବେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟଜିତ ବେହେରା,ଅରୁଣ କୁମାର ବସନ୍ତିଆ ପ୍ରମୁଖ ଏହି କ୍ରୀଡ଼ା ଉତ୍ସବ ପରିଚ଼ାଳନାରେ ସହଯୋଗ କରିଥିଲେ ।

# ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱରର ପଟିଆ ସ୍ଥିତ ରାଜା ମଧୁସୂଦନ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ପୁଷ୍ପାରାଣୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉ ର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶା ଶିକ୍ଷା କ୍ଷେତ୍ରରେ ବିକାଶ ପ୍ରକ୍ରିୟା ଜାରି ରଖିଥିବା ବେଳେ ଯୁବକ ଯବତୀ ମାନଙ୍କ ଭିତରେ ଲୁଚି ରହିଥିବା ବିଭିନ୍ନ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ଯୁବ ଓଡିସା ନବୀନ ଓଡିଶା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହା ଓଡିଶାର ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଆରମ୍ଭ ହୋଇଛି । ଏହା ଦ୍ୱାରା ଯୁବକ ଯୁବତୀ ମାନଙ୍କର ଦକ୍ଷତା ବୃଦ୍ଧି ଘଟିବା ସହିତ ଲୁକାୟିତ ପ୍ରତିଭା ବିକଶିତ ହୋଇପାରିବ ବୋଲି ବିଧାୟକ କହିଥିଲେ । ସମ୍ମାନିତ ଅତିଥି ଭାବେ କର୍ପୋରେଟର ମିହର କୁମାର ରାଉତ, ମୋନାଲିସା ବେହେରା ଓ ପୂର୍ବତନ କର୍ପୋରେଟର ତଥା କ୍ୟାପିଟାଲ ହସ୍ପିଟାଲର ଉପଦେଷ୍ଟା ସୟ କୁମାର ସେଠୀ ଯୋଗଦେଇ ସରକାରଙ୍କର ଏହି ଯେଜନାର ସୁଯୋଗ ନେଇ ଯୁବକ ଯୁବତୀମାନେ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ ।

# ୩ୟ ନାନୋ ଆନ୍ତର୍ଜାତିକ ଶିଶୁ ଚ଼ଳଚ୍ଚିତ୍ର ମହୋତ୍ସବ ଉଦଘାଟିତ

ପୁରୀ ,(ପି.ଏନ): ଚ଼ଳଚ୍ଚିତ୍ର ବା ସାଂସ୍କୃତିକ କାର୍ଯ୍ୟକ୍ରମ କେବଳ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ନ ଥାଏ ।ଏହା ମାଧମରେ ଶିକ୍ଷା, ସଂସ୍କାର ଓ ଉନ୍ନତ ଚ଼ରିତ୍ର ଗଠନର ବାର୍ତ୍ତା ଥାଏ ବୋଲି ମତବ୍ୟକ୍ତ କରିଛନ୍ତି ରାଜ୍ୟ ଶିଶୁ ଅଧିକାର ଆୟୋଗର ଅଧକ୍ଷା ମନ୍ଦାକିନୀ କର ।ଆଜି ପୂର୍ବାହ୍ନରେ ପୁରୀ ଟାଉନ ହଲ ଠାରେ ୪ ଦିନିଆ ୩ୟ ଆନ୍ତର୍ଜାତିକ ନାନୋ ଶିଶୁ ଚ଼ଳଚ୍ଚିତ୍ର ମହୋତ୍ସବ ଉଦଘାଟିତ ହୋଇଥିଲା ।ମୁଖ୍ୟ ଅତିଥି ଭାବେ ଏହାକୁ ଉଦଘାଟନ କରି ଶ୍ରୀମତୀ କର ଏହି ଶିକ୍ଷଣୀୟ ଚ଼ଳଚ୍ଚିତ୍ର ମାଧ୍ୟମରେ ପିଲା ମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ, ଅଧିକାର ଓ ସୁରକ୍ଷା ସମ୍ପର୍କରେ ଆଲୋକପାତ କରାଯାଇଛି ।ତେଣୁ ଏହି ଚ଼ଳଚ୍ଚିତ୍ର ଦ୍ୱାରା ପିଲା ମାନଙ୍କ ଚ଼ାରିତ୍ରିକ ଅଭିବୃଦ୍ଧି, ଶୃଙ୍ଖଳା ଓ ମାନସିକ ଦୃଢତା ବୃଦ୍ଧି ପାଇବ ବୋଲି କହିବା ସହ ପରବର୍ତ୍ତୀ ସମୟରେ ସମସ୍ତ ବିଦ୍ୟାଳୟ ମାନଙ୍କ ରେ ଏହି ଭଳି ଶିକ୍ଷଣୀୟ ଚ଼ଳଚ୍ଚିତ୍ର ପ୍ରଦର୍ଶନ କରାଯାଇ ପାରିବ ବୋଲି ସୂଚ଼ନା ଦେଇଥିଲେ ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଓ




ଅତିରିକ୍ତ ଏସ ପି ବିଷ୍ଣୁ ପ୍ରସାଦ ପତି ମହାତ୍ମାଗାନ୍ଧୀ ରାମାୟଣ ଓ ରାଜା ହରିଶ୍ଚନ୍ଦ୍ର ଭଳି ନାଟକ ଦେଖି ପ୍ରଭାବିତ ହେବା ସହ ସତ୍ୟ ଓ ଅହିଂସା ପ୍ରତି ଉତ୍ସର୍ଗୀକୃତ ହୋଇ ଥିଲେ ।ତେଣୁ ପିଲା ମାନେ ଚ଼ଳଚ୍ଚିତ୍ର ଦେଖିବା ସହ ଆଦର୍ଶକୁ ଅନୁସରଣ ପାଇଁ ପରାମର୍ଶ ଦେଇଥିଲେ ।ଶିଶୁ ଚ଼ଳଚ୍ଚିତ୍ର ର ଆୟୋଜକ ସଞ୍ଜୀବ ରଥଶର୍ମାଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଓଡିଶା ମୋ ପରିବାର ର ସଂଯୋଜକ ଶିବାଷିସ ଖୁଣ୍ଟିଆ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସୂଚ଼ନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ,ପୂର୍ବତନ ଶିଶୁ ସୁରକ୍ଷା ସମିତି ସଦସ୍ୟ ଦେବାଶିଷ ରଥ ପ୍ରମୁଖ ଯୋଗ ଦେଇ ଚ଼ଳଚ୍ଚିତ୍ର ମାଧ୍ୟମରେ ପିଲା ମାନଙ୍କ ମାନସିକ ସ୍ଥିତିରେ ସନ୍ତୁଳନ,ସଂସ୍କାର ଓ ଶୃଙ୍ଖଳା ଗଠନ ସହଜ ହୋଇ ପାରିବ ବୋଲି କହିଥିଲେ ।ଆୟୋଜକ ଶ୍ରୀ ରଥଶର୍ମା ୪ ଦିନିଆ ଏହି ଶିଶୁ ଚ଼ଳଚ୍ଚିତ୍ର ମହୋତ୍ସବ ରେ ୨ ମିନିଟ ରୁ ୩୦ ମିନିଟ ପର୍ଯ୍ୟନ୍ତ ପ୍ରାୟ ୫୦୦ ଚ଼ଳଚ୍ଚିତ୍ର ପ୍ରଦର୍ଶନ ର ଲକ୍ଷ୍ୟ ରଖାଯାଇଛି ଓ ଏହାକୁ ପ୍ରାୟ ୫୦୦୦ ପିଲା ଙ୍କୁ ଦେଖେଇବାର ପ୍ରୟାସ କରାଯାଇଛି ବୋଲି ସୂଚ଼ନା ଦେଇଥିଲେ ।ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ରଛାତ୍ରୀ ଯୋଗ ଦେଇ ଚ଼ଳଚ୍ଚିତ୍ର ଉପଭୋଗ କରିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Poot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray